


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୧ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 FEBRUARY 2025

Vol.No. 36 ■ No.50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୭ ବର୍ଷ ପରେ ଦିଲ୍ଲୀରେ ସରକାରକୁ ଫେରିଲା ବିଜେପି
# ମୁଖ୍ୟମନ୍ତ୍ରୀଙ୍କ ସହ ଶପଥ ନେଲେ ୬ କ୍ୟାବିନେଟ ମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୦୨ : ସୁଷମା ସ୍ୱରାଜଙ୍କ ପରେ ଦିଲ୍ଲୀରେ ୨୭ ବର୍ଷ ପରେ ବିଜେପି ସରକାରକୁ ଫେରିଛନ୍ତି। ଐତିହାସିକ ରାମଲିଲା ମୈଦାନରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ୬ କ୍ୟାବେିନେଟ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଏନଡିଏ ମୁଖ୍ୟମନ୍ତ୍ରୀମାନଙ୍କ ଉପସ୍ଥିତିରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରୀୱାଲଙ୍କୁ ହରାଇ ମୁଖ୍ୟମନ୍ତ୍ରୀ ଦୌଡରେ ସବୁଠୁ ଆଗରେ ଥିବା ପର୍ଭେସ ବର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡିଛି। ଆଶୀଷ ସୁଦ, କପିଲ ମିଶ୍ରା, ମନଜିନ୍ଦର ସିଂହ ସର୍ସା, ରବୀନ୍ଦ୍ର ଇନ୍ଦ୍ରଜ ସିଂହ, ପଙ୍କଜ କୁମାର ସିଂହ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଆଉ ବିଜେନ୍ଦ୍ର ଗୁପ୍ତାଙ୍କୁ ମିଳିଛି ବାଚସ୍ପତି ପଦ ।

ମୁଖ୍ୟମନ୍ତ୍ରୀ ରେସରେ ପ୍ରାୟ ୧୫ ନେତାଙ୍କ ନାମ ରହିଥିଲା। ରେଖା ଗୁପ୍ତା ଦୌଡରେ ଥିଲେ ମଧ୍ୟ ତାଙ୍କ ନାଁ ପଛରେ ରହଥିଲା। କିନ୍ତୁ ସମସ୍ତଙ୍କୁ ପଛରେ ପକାଇ ବାଜି ମାରିନେଲ ପ୍ରଥମ ଥରର ବିଧାୟିକା। ଯାହାକୁ ନେଇ ଏବେ ସବୁଠି ଚର୍ଚ୍ଚା ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରେଖା ଗୁପ୍ତା ପର୍ଭେସ ବର୍ମା, ରମେଶ ବିଧୁରୀଙ୍କ ଭଳି ବିବାଦୀୟ ନୁହଁନ୍ତି, ସେ ଜଣେ ନିର୍ବିବାଦୀୟ ନେତ୍ରୀ ଏବଂ ଦିଲ୍ଲୀରେ ମହିଳାଙ୍କ ମୁଖ୍ୟମନ୍ତ୍ରୀଙ୍କ ଲମ୍ୱା କାର୍ଯ୍ୟକାଳ ରହିଥିବାର ରେକର୍ଡ ଓ ରେଖାଙ୍କ 'କାମ ହିଁ ପରିଚୟ' କ୍ୟାମ୍ପେନ ତାଙ୍କୁ ଦୌଡରେ ସଫଳ କରାଇଛି ବୋଲି କୁହାଯାଉଛି । ଅପରପକ୍ଷରେ ବିହାର ନିର୍ବାଚନକୁ



ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ଓ ଓବିସି ସମ୍ପ୍ରଦାୟରୁ ଆସିଛନ୍ତି ରେଖା ଗୁପ୍ତା । ବିହାରରେ ୬୩% ଓବିସି ଭୋଟ ରହିଥିବା ବେଳେ ବିହାର ପରେ ଉତ୍ତରପ୍ରଦେଶ ନିର୍ବାଚନ ମଧ୍ୟ ରହିଛି । ଆଉ ଉତ୍ତରପ୍ରଦେଶରେ ଓବିସି ଭୋଟ ୫୨ ପ୍ରତିଶତ ରହିଛି। ଉଭୟ ବିହାର ଏବଂ ଉତ୍ତରପ୍ରଦେଶ ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଚୟନ କରାଯାଇଥିବା କୁହାଯାଉଛି । ସେପଟେ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ପରାମର୍ଶ ଦେଇଛନ୍ତି ପୂର୍ବ ମୁଖ୍ୟମନ୍ତ୍ରୀ ଆତିଶୀ । ବିଜେପି ଖେଳିଥିବା ମହିଳା କାର୍ଡକୁ ସଠିକ୍ ସାବ୍ୟସ୍ତ କରିବା ଏବଂ ଦଳ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ରେଖାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି ।

## ଅରୁଣାଚଳ ପ୍ରଦେଶ ଓ ମିଜୋରାମ ବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭକାମନା ଜଣାଇଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୦/୨: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅରୁଣାଚଳ ପ୍ରଦେଶ ଓ ମିଜୋରାମବାସୀଙ୍କୁ ରାଜ୍ୟର ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଔପଚାରିକ ଏକ୍ସ ଆକାଉଂଟରେ ଲେଖିଛନ୍ତି ଯେ, ରାଜ୍ୟ ଦିବସ ଅବସରରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମବାସୀଙ୍କୁ ଶୁଭକାମନା । ପ୍ରକୃତିରେ ଧନ୍ୟ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ବିଶିଷ୍ଟ ଦୁଇଟି ରାଜ୍ୟ ଭାରତର ସର୍ବଶ୍ରେଷ୍ଠ ପ୍ରତିନିଧିତ୍ୱ କରିଥାନ୍ତି । ସେ କହିଛନ୍ତି ଯେ, ମୋର ବିଶ୍ୱାସ ଯେ, ଉଭୟ ରାଜ୍ୟର ଲୋକେ ନିଜ ଅସାଧାରଣ ପ୍ରାକୃତିକ ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷିତ ରଖିବେ । ମୁଁ କାମନା କରୁଛି ଯେ, ଅରୁଣାଚଳ ପ୍ରଦେଶ ଓ ମିଜୋରାମର ଅଭୁତ ଲୋକ ପ୍ରଗତି ଓ ଉତ୍କୃଷ୍ଟତାର ନୂଆ ଅଧ୍ୟାୟ ଲେଖନ୍ତୁ ।

# ବିଧାନସଭାରେ କିଟ ତାତି : ଅଚ୍ୟୁତଙ୍କୁ ହାଜର ନୋଟିସ୍

ଭୁବନେଶ୍ୱର, ୨୧/୦୨ : ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ବିବାଦ ଥମୁନାହିଁ। ବିଧାନସଭାରେ ହଙ୍ଗାମା ଭିତରେ କିଟ୍ ମାଲିକ ଅଚ୍ୟୁତ ସାମନ୍ତଙ୍କୁ ହାଜର ପାଇଁ ନୋଟିସ୍ ଜାରି କରିଛି ଉଚ୍ଚଶିକ୍ଷା ବିଭାଗ। କାଲି ସନ୍ଧ୍ୟା ସାଢ଼େ ୬ଟାରେ ହାଇଲେବୁଲ କମିଟିରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ସବୁ ଦଳ ଆଜି ପୁଣି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି । ବିଧାନସଭାରେ ବିଜେଡି ଏହି ପ୍ରସଙ୍ଗ ଉଠାଇଛି । କଂଗ୍ରେସ ବିଧାୟକ ତାରା ବାହିନୀପତି କିଟ ମାଲିକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ବଜେଟ ଆଲୋଚନାବେଳେ ବିଜେଡି ବିଧାୟକ କଳିକେଶ ସିଂହଦେଓ କହିଛନ୍ତି, କିଏ ସେ କାହିଁକି ଆକ୍ସନ ନେଲେ ନାହିଁ ବୋଲି ପଚାରିଛନ୍ତି। ସେପଟେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, କିଟ୍ କର୍ତ୍ତୃପକ୍ଷଙ୍କ ମନମାନି



ଆଦୌ ଗ୍ରହଣୀୟ ନୁହେଁ। ଆଇନମନ୍ତ୍ରୀ କହିଛନ୍ତି, ଯାଂଚ ଚାଲିଛି । କାହାକୁ ଛଡାଯିବ ନାହିଁ । ଯେତେ ବଡ ଲୋକ ହୋଇଥିବେ ବି ଆକ୍ସନ ହେବ । କିଟ୍ ଘଟଣା ନେଇ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ଏଆଇଡିଏସଓ। ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଛାତ୍ରଛାତ୍ରୀଙ୍କୁ ଆକ୍ରମଣ କରି ବିତାଡିତ କରିଥିବା କର୍ତ୍ତୃପକ୍ଷ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ସଙ୍ଗଠନ। ଏବିଭିପିର ଏକ ଦଳ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଏଥିରେ ନେପାଳର କିଛି ଛାତ୍ର ବି ସାମିଲ ହୋଇଥିଲେ । କିଟ୍ ପାଇଁ ସରକାର ଗଠନ କରିଥିବା ହେଲ୍ପ ଡେସ୍କ କାମ କରିବା ଆରମ୍ଭ କରିଛି। ଛାତ୍ରଛାତ୍ରୀଙ୍କ ପାଇଁ ହ୍ୱାଟସପ ନମ୍ବର ବି ଜାରି ହୋଇଛି । କଲେଜ ଫେରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅସୁବିଧା ପାଇଁ ଏହି ନମ୍ବର ଜାରି କରାଯାଇଛି। ଶୀଘ୍ର ଫେରିବାକୁ ଚାହୁଁଥିବା ଛାତ୍ରଛାତ୍ରୀମାନେ ଡେସ୍କ ସହ ଯୋଗାଯୋଗ କରିପାରିବେ।

# ଆଜି ଠାରୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା । ସମସ୍ତ ପରୀକ୍ଷାର୍ଥୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ପରୀକ୍ଷା ପାଇଁ ବିଭାଗ ସମସ୍ତ ପଦକ୍ଷେପ ନେଇଛି । ୩୦୨୯ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ । ୫ ଲକ୍ଷ ୧୨ ହଜାର ୪୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ବିଭାଗ ପକ୍ଷରୁ ୩୧୪ଟି ନୋଡାଲ ସେଂଟର ହୋଇଛି । ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଫ୍ଲାଇଂ



ସ୍କ୍ୱାର୍ଡ ଠାରୁ ଆରମ୍ଭ କରି ନୋଡାଲ ଅଫିସର ମାନଙ୍କୁ ନିଯୁକ୍ତ କରାଯାଇଛି । ସେଂଟ୍ରାଲ ଅବଜରଭ୍, ଜିଲ୍ଲା ସ୍ତର ଅବଜରଭର୍ ମାନେ ଦାୟିତ୍ୱରେ ରହିଛନ୍ତି । ଯେମିତି ପରୀକ୍ଷାରେ କୌଣସି ବ୍ୟତିକ୍ରମ ହେବ ନାହିଁ, ସେଥିପାଇଁ ବିଭାଗ ତରଫରୁ ଗୁରୁତ୍ୱ ଦିଆଯାଉଛି ।

## ରାଜ୍ୟରେ ୩୧ଟି ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୨୦/୨ (ନି.ପ୍ର): ରାଜ୍ୟ ସରକାର ୩୧ଟି ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୭ଟି ବ୍ୟାରେଜ, ୭୨ଟି ନଦୀ ଗର୍ଭ ଜଳାଶୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୫୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଖୁବଶୀଘ୍ର ଏହାର ଡିପିଆର କାର୍ଯ୍ୟ ଆରମ୍ଭ ହେବ । ବିଧାନସଭାରେ ଘୋଷଣା କରିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ।

## ମଣିପୁରରୁ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

ଇମ୍ଫାଲ, ୨୦/୦୨ : (ହି.ସ)- ମଣିପୁରର ପାହାଡୀ ଏବଂ ଘାଟୀ ଜିଲ୍ଲାରେ ସୁରକ୍ଷାବାହିନୀ ଭିନ୍ନ ଭିନ୍ନ ଅପରେସନ ସମୟରେ ବହୁ ସଂଖ୍ୟକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରିଛନ୍ତି। ପୋଲିସ ଆଜି କହିଛି ଯେ ତେଙ୍ଗନୌପାଲ ଜିଲ୍ଲାର ମାଛୀ ଥାନା ଅଂଚଳରେ ଏସଏଲ ଜୌଗମ ଅଂଚଳରେ ତିନୋଟି ଇମ୍ପ୍ରୋୱାଇଜ୍ଡ ମୋର୍ଟାର,ଦୁଇଟି ମସ୍କେଟ ରାଇଫଲ,ଗୋଟିଏ ଭଙ୍ଗା ପତ୍ରିକା ,ଗୋଟିଏ ସ୍ନାର୍ଟର ସ୍କୋପ,ଦୁଇଟି ବାଇନୋକୁଲାର,ଗୋଟିଏ ମୋନୋକ୍ୟୁଲର ସାଇଟ ,ଗୋଟିଏ ହେଲମେଟ,ପାଂଚଟି ବୁଲେଟପ୍ରୁଫ ଭେଷ୍ଟ(ବିନା ବୁଲେଟପ୍ରୁଫ ପ୍ଲେଟ)ଏବଂ ଦୁଇଟି ରାଇଫଲ ସ୍ଲିଙ୍ଗ ଉଦ୍ଧାର କରାଯାଇଛି।



ଦ୍ୱିତୀୟ ଅପରେସନରେ ମୋରେହ ଥାନା ଅଂଚଳରେ ମାଓଜାଙ୍ଗ ଗ୍ରାମରୁ ଗୋଟିଏ ଏକେ-୫୬ ରାଇଫଲ,ଦୁଇଟି ୯ମିମି ପିସ୍ତଲ(ମ୍ୟାଗାଜିନ ସହିତ),ଗୋଟିଏ ୪୦ ମିମି ଲାଥୋଡ ଗନ,ଦୁଇଟି ଚୀନ ହ୍ୟାଣ୍ଡ ଗ୍ରେନେଡ,ଦୁଇଟି ଅନ୍ୟ ଗ୍ରେନେଡ,ପାଂଚଟି ହ୍ୟାଣ୍ଡସେୟ(ତିନୋଟି ଚାର୍ଜର ସହିତ),ଚାରୋଟି ହେଡଫୋନ,ଦୁଇ ସ୍ଲିଙ୍ଗ ଏବଂ ଗୋଟିଏ କେନବା ବାଇକ ଜବତ କରାଯାଇଛି।

## ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ କେତେକ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୨୦/୨ (ନି.ପ୍ର): - ୨୦ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ପାଣିପାଗ ବିଭାଗ ପକ୍ଷରୁ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି ।

ଆସନ୍ତା ୨୪ ଘଂଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କୋହଲା ପାଗ ନେଇ ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢ଼େଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କଟକ, ଜଗତସିଂହପୁର ଜିଲ୍ଲାର କେତେକ



ସ୍ଥାନରେ ଏବଂ ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, ଅନୁଗୁଳ, ସମ୍ବଲପୁର, ଦେବଗଡ଼, ନୟାଗଡ଼ ଜିଲ୍ଲାର କିଛି ସ୍ଥାନରେ ଏବଂ ବରଗଡ଼, ବୌଦ୍ଧ, ଗଜପତି,

▶▶ପୃଷ୍ଠା ୭

## ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ

ଭୁବନେଶ୍ୱର, ୨୦/୨ (ନି.ପ୍ର):- ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ ମିଳିଛି । ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ସୁନା ଖଣିର ସନ୍ଧାନ ମିଳିଥିବା ବିଧାନସଭାରେ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଦେବଗଡ ଜିଲ୍ଲାର ଆଡାସ ରାମପଲ୍ଲୀ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି କେଉଁଝର ଜିଲ୍ଲାର ଗୋପୁର– ଗଜିପୁର ଅଂଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିବା ଯୋଗୁଁ ସେ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୁଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ।

## ଚାମ୍ପିଅନ୍ସ ଟ୍ରଫିରେ ଶୁଭମନ ଗିଲଙ୍କ ପ୍ରଥମ ଶତକ ବଳରେ ବାଂଲାଦେଶ ବିପକ୍ଷରେ ଭାରତ ବିଜୟୀ

ନୂଆଦିଲ୍ଲୀ, ୨୦/୦୨ : ଆଜି ଦୁବାଇରେ ବାଂଲାଦେଶ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତର ଉପ-ଅଧିନାୟକ ଶୁଭମନ ଗିଲ୍ ତାଙ୍କର ୮ମ ଦିନିକିଆ ଶତକ ଏବଂ ତାଙ୍କର ପ୍ରଥମ ଚାମ୍ପିଅନ୍ସ ଟ୍ରଫି ଶତକ ହାସଲ କରି ତାଙ୍କ ଦଳକୁ ୬ ୱିକେଟ୍‌ରେ ମ୍ୟାଚ୍ ଜିତିବାରେ ସାହାଯ୍ୟ କରଛନ୍ତି। ଇଂଲଣ୍ଡ ସିରିଜ୍‌ରେ ସମ୍ପ୍ରତି ଏକ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଗିଲ୍ ଏକ ଇନିଂସ୍‌ରେ ୧୨୫ ବଲ୍‌ରେ ୯ ଚୌକା ଏବଂ ୨ଟି ଛକା ସହିତ ନିଜର ମାଇଲଷ୍ଟୋନ୍ ହାସଲ କରିଥିଲେ। ମେନ୍‌ଇନ୍ ବ୍ଲୁ କିଛି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇବା ପରେ ଗିଲ୍‌ଙ୍କ ଶତକ ଭାରତକୁ ମ୍ୟାଚ୍‌ରେ ସ୍ଥିର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯେଉଁଥିରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ଅକ୍ଷର ପଟେଲ ଏବଂ ଶ୍ରେୟସ ଆୟର ପ୍ରମୁଖ ୱିକେଟ୍ ହରାଇଥିଲେ। ବୁଧବାର ଦିନ, ଗିଲ୍ ଭାରତ ଦ୍ୱାରାଦିନିକିଆ ରାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନରୁ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକାଇ ଦେଇଥିଲେ। ସଦ୍ୟତମ ଆଇସିସି ରାଙ୍କିଙ୍ଗ୍ ତାଲିକାରେ, ଗିଲ୍‌ଙ୍କ



୭୯୬ ରେଟିଂ ପଏଣ୍ଟ ଅଛି ଯେତେବେଳେ ବାବରଙ୍କ ୭୭୩ ପଏଣ୍ଟ ଅଛି। ଭାରତର ଅଧିନାୟକ ରୋହିତ ଶର୍ମା ୭୬୧ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ହେନରିଚ୍ କ୍ଲାସେନ୍ ଏବଂ ନ୍ୟୁଜିଲାଣ୍ଡ୍‌ର ଡାରିଲ୍ ମିଚେଲ୍ ଯଥାକ୍ରମେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ଅଛନ୍ତି। ପୂର୍ବରୁ, ପେସର ମହମ୍ମଦ ଶାମି ଏକ ଆଇସିସି ଟୁର୍ଣ୍ଣାମେଣ୍ଟରେ ପାଞ୍ଚ ୱିକେଟ୍ ନେଇ ଫେରିଥିଲେ, କାରଣ ବାଂଲାଦେଶ ତୌହିଦ ହୃଦୟଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ବଳରେ ଏକ ଭୟଙ୍କର ଆରମ୍ଭରୁ ସୁସ୍ଥ ହୋଇ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ ରେ ଭାରତ ବିପକ୍ଷରେ ୨୨୮ ରନ୍ କରି ଅଲଆଉଟ୍ ହୋଇଥିଲା। ସେହି ଦିନ, ଶାମି ମଧ୍ୟ ତାଙ୍କର ୨୦୦ତମ ଏକଦିବସୀୟ ୱିକେଟ୍ ଅକ୍ତିଆର କରିଥିଲେ। ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ବାଂଲାଦେଶ ଏକ ବିପର୍ଯ୍ୟୟପୂର୍ଣ୍ଣ ଆରମ୍ଭ କରିଥିଲା ଏବଂ ଶାମି ଓ ବାମହାତୀ ସ୍ପିନର ଅକ୍ସର (୨/୪୩) ପ୍ରାରମ୍ଭିକ କ୍ଷତି କରିବା ସହିତ ୫ ୱିକେଟ୍ ହରାଇ ୩୫ ରନ୍ କରିଥିଲା। ଯଦି ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମ ସ୍ଲିପ୍‌ରେ ଜାକେର ଅଲି (୧୧୪ ବଲ୍ ରୁ ୬୮)ଙ୍କ ବ୍ଲେଡ୍ ରୁ ଏକ ନିୟନ୍ତ୍ରଣ କ୍ୟାଚ୍ ଛାଡ଼ି ନଥାନ୍ତେ, ତେବେ ଅକ୍ସର ହ୍ୟାଟ୍ରିକ୍ ପାଇଥାନ୍ତେ।

## ନାଗପୁରରେ ବାଂଲାଦେଶୀ ବିମାନର ଜରୁରୀକାଳୀନ ଅବତରଣ

ନାଗପୁର, ୨୦/୨ : (ହି.ସ.)- ବାଙ୍ଗଲାଦେଶର ଢ଼ାକାରୁ ଦୁବାଇ ଯାଉଥିବା ବିମାନ ବୁଧବାର ବିଳମ୍ବିତ ରାତିରେ ନାଗପୁରସ୍ଥିତ ଡ଼ଃ. ବାବା ସାହେବ ଆମ୍ବେଦକର ଆନ୍ତର୍ଜାତିକ ବିମାନ ବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି । ଏହି ବିମାନର ଯାତ୍ରୀ ୧୨ ଘଂଟା ଧରି ନାଗପୁରରେ ଫସି ରହିଛନ୍ତି । ଏବଂ ସମ୍ବନ୍ଧିତ ଏୟାରଲାଇନ ଦ୍ୱାରା ସେମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ନାଗପୁର



ବିମାନ ବନ୍ଦରର ବରିଷ୍ଠ ନିର୍ଦ୍ଦେଶକ

▶▶ପୃଷ୍ଠା ୭

# ସଙ୍କଟ ବେଳେ ୟୁପି ଓ ପଂଜାବରୁ ଆସିଛି ସର୍ବାଧିକ ଆଳୁ

ଭୁବନେଶ୍ୱର, ୨୦/୦୨ : ଆଳୁ ସଙ୍କଟ ବେଳେ ଉତ୍ତର ପ୍ରଦେଶ ଓ ପଞ୍ଜାବରୁ ଓଡ଼ିଶା ଆସିଛି ସର୍ବାଧିକ ଆଳୁ । ୨୦୨୪ ରେ ଓଡ଼ିଶାରେ ଆଳୁ ସଙ୍କଟ ବେଳେ ଉତ୍ତର ପ୍ରଦେଶରୁ ୬୦୦ କୁଇଣ୍ଟାଲ ଆଳୁ ଓଡ଼ିଶା ଆସିଛି । ଉତ୍ତରପ୍ରଦେଶ, ପଞ୍ଜାବ ଆଦି ସ୍ଥାନରୁ ଦୈନିକ ହାରାହାରି ୮୦୦୦ ରୁ ୧୦୦୦୦ କୁଇଣ୍ଟାଲ ଆଳୁ ଓଡିଶାକୁ ଅଣାଯାଇ ବିକ୍ରୀ କରାଯାଇଥିଲା । ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଡିସେମ୍ବର ଓ ଜାନୁଆରୀ ୨୦ ଭିତରେ ୨୫୦ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଯାଂଚ କରାଯାଇଥିବା ସ୍ଥଳେ ୩୬ ଜଣ ଖିଲାପକାରି ବ୍ୟବସାୟୀଙ୍କ ଠାରୁ ୨୯୧୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସଙ୍ଗେସଙ୍ଗେ ୧୯ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ୨୦୨୪ ମସିହାରେ ଆଳୁ ଦର ଅହେତୁକ ବୃଦ୍ଧି ସମୟରେ ସରକାର ଦର ବୃଦ୍ଧିକୁ ରୋକିବା ପାଇଁ ନାଫେଡ ମାଧ୍ୟମରେ ଦୁଇଟି ଦଫାରେ ୬୦୦ କୁଇଣ୍ଟାଲ ଆଳୁ ଉତ୍ତରପ୍ରଦେଶରୁ ଆମଦାନୀ କରି ରାଜ୍ୟର ପ୍ରମୁଖ ସହର ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର ଓ ବଲାଙ୍ଗିର ଆଦି ସ୍ଥାନମାନଙ୍କରେ ଖାଉଟି ମାନଙ୍କୁ ୩୦ ଟଙ୍କାରେ ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ଯୋଗାଇ ଦେଇଥିଲେ । ସେହିପରି ଡିସେମ୍ବର ଓ ଜାନୁଆରୀ ୨୦ ଭିତରେ ଆଳୁ ଦର ଉଚ୍ଚାରେ ବିକ୍ରୀ ଯୋଗୁଁ ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟରେ ପ୍ରାୟ ୨୫୦ ଗୋଟି ବ୍ୟବସାୟିକ ପ୍ରତିଷ୍ଠାନ ଯାଂଚ କରାଯାଇଥିବା ସ୍ଥଳେ ୩୬ ଜଣ ଖିଲାପକାରି ବ୍ୟବସାୟୀଙ୍କ ଠାରୁ ୨୯୧୦୦ ଟଙ୍କା ଜୋରିମାନା ଆଦାୟ କରାଯିବା ସଙ୍ଗେସଙ୍ଗେ ୧୯ ଜଣ ବ୍ୟବସାୟୀଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଉତ୍ତରପ୍ରଦେଶ, ପଞ୍ଜାବ ଆଦି ସ୍ଥାନରୁ ଦୈନିକ ହାରାହାରି ୮୦୦୦ ରୁ ୧୦୦୦୦ କୁଇଣ୍ଟାଲ ଆଳୁ ଓଡିଶାକୁ ଅଣାଯାଇ ବିକ୍ରୀ କରାଯାଇଥିଲା ।

## ହରିୟାଣା ଓ ଦିଲ୍ଲୀ ଗସ୍ତରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆଜି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ହରିୟାଣା ଓ ଦିଲ୍ଲୀ ଗସ୍ତ କରିଛନ୍ତି । ଏହି ଗସ୍ତ ସମୟରେ ସେ ହରିୟାଣାରେ ଅନୁଷ୍ଠିତ ୩୮ତମ ସୁରଜକୁଣ୍ଡ ଅନ୍ତର୍ଜାତୀୟ କ୍ରାଫ୍ଟସ ମେଳା - ୨୦୨୫ ରେ ଯୋଗ ଦେବେ। ଓଡିଶାର ଐତିହ୍ୟ ଓ ପରମ୍ପରାକୁ ନେଇ ଆୟୋଜିତ ଏହି ମେଳାର ସ୍ୱତନ୍ତ୍ର ଆକର୍ଷଣ ଓଡିଶା ଥିମ ପାଭିଲିୟନକୁ ପରିଦର୍ଶନ କରିବେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ଯୋଗ ଦେବେ।

# କିଟ୍ ପ୍ରସଙ୍ଗକୁ ଏଡାଇବାକୁ ବିଜେଡିର ପ୍ରୟାସ: ବିଜେପି

ଭୁବନେଶ୍ୱର, ୨୦/୦୨ : କିଟ୍ ପ୍ରସଙ୍ଗକୁ ଏଡାଇବାକୁ ପ୍ରୟାସ କରୁଛି ବିଜେଡି । ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି, କାରଣ ବିରୋଧୀଙ୍କ ପାଖରେ ଆଉ ପ୍ରସଙ୍ଗ ନାହିଁ ବୋଲି କହିଛନ୍ତି ବିଜେପି ବିଧାୟକ ଅମର ନାୟକ। ଗଣତନ୍ତ୍ରରେ ବିରୋଧୀ ଦଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଦୁଃଖ ଯେ ସାରା ରାଜ୍ୟ ପ୍ରଶ୍ନ ଉତ୍ତରକୁ ଅପେକ୍ଷା କରିଥାନ୍ତି । ନିଜ ଅଂଚଳ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ବିଧାୟକ ଅନେଇ ବସିଥାନ୍ତି । ବିରୋଧୀ ଗୃହକୁ ଚଳାଇ ଦେଲେ ନାହିଁ । କିଟ୍ ପ୍ରସଙ୍ଗ ହେଉ ବା ଅନ୍ୟ କେଉଁ ପ୍ରସଙ୍ଗ ହେଉ, ତାକୁ ଏଡାଇବାକୁ ଭିନ୍ନ ଦିଗ ଦେଇଛନ୍ତି ବିରୋଧୀ । ବିରୋଧୀ ମୁଲତବୀ ଆଣିଲେ, ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ମହିଳାଙ୍କ ପାଇଁ ସରକାର ସମ୍ବେଦନଶୀଳ ଅଛନ୍ତି । ସହାୟିକାଙ୍କୁ ଦରମା ଦିଆଗଲା । ଅତୀତରେ ମହିଳାଙ୍କୁ ଧୂଆଁବାଣ କରୁଥିଲେ ବିରୋଧୀ । ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି କାରଣ ବିରୋଧୀଙ୍କ ପାଖରେ ଆଉ ପ୍ରସଙ୍ଗ ନାହିଁ । ବିରୋଧୀ ଜାଣିଶୁଣି ନିଜେ ଏପରି କରୁଛନ୍ତି କାରଣ ସେମାନେ ସଙ୍କଟରେ ପଡିଛନ୍ତି । ସେମାନେ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାକୁ କିଛି କରି ନାହାନ୍ତି । ଲକ୍ଷପତି ଦିଦି ସହାୟିକା ଯୋଜନା କରିଛନ୍ତି ସରକାର । ସୁଭଦ୍ରା ପରି ସବୁଠାରୁ ବଡ଼ ଯୋଜନା କରିଛନ୍ତି ସରକାର । କୋଟିଏ ମହିଳାଙ୍କ ପାଖରେ ଏହା ପହଂଚିଛି । ଏହା ସହାୟତା, ଋଣ ନୁହେଁ ବୋଲି ବିଜେପି ବିଧାୟକ କହିଛନ୍ତି ।

## ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୨୦/୨ (ନି।ପ୍ର): ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନ ଧରି ଜନସେବାରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି।

# ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୨୦/୨ (ନି।ପ୍ର):- ଛତ୍ରପତି ଶିବାଜୀ ମହାରାଜଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଶୌର୍ଯ୍ୟ, ସ୍ୱାଭିମାନ ଓ ସ୍ୱରାଜର ଅପ୍ରତିମ ପ୍ରତୀକ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାପୂର୍ବକ ନମନ କରୁଛି । ଶିବାଜୀ ମହାରାଜ ନିଜ ଅଦମ୍ୟ ସାହସ, ନୀତି ଓ ସମର୍ପଣରେ ଗୋଟିଏ ସ୍ୱାଧୀନ ଓ ଶକ୍ତିଶାଳୀ ମରାଠୀ ସାମ୍ରାଜ୍ୟର ସ୍ଥାପନାର ତଥା ମୋଗଲର ଦମନକାରୀ ନୀତି ବିରୁଦ୍ଧରେ ବୀରତାପୂର୍ବକ ସଂଘର୍ଷ କରି ସ୍ୱାଧୀନତାର ଜ୍ୟୋତି ଜଳାଇଥିଲେ । ତାଙ୍କ ଦୂରଦର୍ଶୀ ରଣନୀତି, କୁଶଳ ପ୍ରଶାସନିକ ନୀତି ଓ ଜନକଲ୍ୟାଣର ଭାବନା ନା କେବଳ ଏକ ମହାନ ଯୋଦ୍ଧା ହିଁ ନୁହନ୍ତି ବରଂ ଏକ ଆଦର୍ଶ ଶାସକ ଭାବେ ବି ସ୍ଥାପିତ କରିଛନ୍ତି । ଛତ୍ରପତି ଶିବାଜୀ ମହାରାଜର ଅମର ଗାଥା ଅନନ୍ତକାଳ ଯାଏ ପ୍ରତି ଭାରତୀୟଙ୍କୁ ଗୌରବାନିତ୍ୱ କରିଥାଏ । ଜୟ ଭବାନୀ, ଜୟ ଶିବାଜୀ ।

## ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୦/୦୨: ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ। ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୫ ରେ ମହିଳା ଟି-୪୭ ବର୍ଗରେ ୧୦୦ ମିଟରରେ ପାରା ଆଥଲିଟ୍ ଜୟନ୍ତୀ ବେହେରାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ପ୍ରକାଶଯୋଗ୍ୟ ଯେ, ଚେନ୍ନାଇର ଜବାହାରଲାଲ ନେହେରୁ ଷ୍ଟାଡିୟମ୍ ଠାରେ ୧୭ ଫେବୃଆରୀ ରୁ ୨୦ ଫେବୃଆରୀ ପର୍ଯ୍ୟନ୍ତ ୨୩ତମ ଜାତୀୟ ପାରାଆଥଲେଟିକ୍ସ ଚାମ୍ପିଅନସିପ ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୨ଜଣ ପାରାଆଥଲିଟ୍ ଅଂଶ ଗ୍ରହଣ କରିଛନ୍ତି।

# ପୂଜ୍ୟ ମାଧବରାଓ ସଦାଶିବରାଓ ଗୋଲୱ୍ୱଲକରଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୨୦/୨ (ନି.ପ୍ର): ପୂଜ୍ୟ ମାଧବରାଓ ସଦାଶିବରାଓ ଗୋଲୱ୍ୱଲକରଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଷ୍ଟ୍ରଭକ୍ତି, ସଙ୍ଗଠନ ଶକ୍ତି ତଥା ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘଚାଳକ ପୂଜ୍ୟ ମାଧବରାଓ ସଦାଶିବରାଓ ଗୋଲୱ୍ୱଲକର ଗୁରୁଜୀଙ୍କ ଜୟନ୍ତୀ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ । ଗୁରୁଜୀ କେବଳ ଜଣେ ସଙ୍ଗଠନକର୍ତ୍ତା ହିଁ ନୁହନ୍ତି, ବରଂ ରାଷ୍ଟ୍ରବାଦ, ସଂସ୍କୃତି ଓ ସନାତନ ମୂଲ୍ୟର ପ୍ରଖର ଚିନ୍ତକ ବି ଅଟେ । ତାଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଦ୍ୱିତୀୟ ବିସ୍ତାର ଓ ସଶକ୍ତ ସଙ୍ଗଠନାତ୍ମକ ଆଧାର ପ୍ରାପ୍ତ କରିଛି । ସେ ସମାଜକୁ ଆତ୍ମନିର୍ଭର, ସଙ୍ଗଠିତ ଓ ରାଷ୍ଟ୍ରଭକ୍ତିରେ ଓତପ୍ରୋତ ଭାବେ କାର୍ଯ୍ୟ କରି ତଥା ଭାରତର ସାଂସ୍କୃତିକ ଅସ୍ମିତାକୁ ବଜାୟ ରଖିବା ପାଇଁ ନିଜ ସଂପୂର୍ଣ୍ଣ ଜୀବନ ସମର୍ପିତ କରିଥିଲେ । ଭାରତର ଅଖଣ୍ଡତା, ସନାତନ ସଂସ୍କୃତି ତଥା ସାମାଜିକ ସମାନତାରେ ତାଙ୍କ ବିଚାର ଅନନ୍ତକାଳ ଯାଏ ଦେଶବାସୀଙ୍କୁ ପ୍ରେରିତ କରୁଥିବ ।

# ମିଶନଶକ୍ତି ଇସି ପୁନର୍ଗଠନକୁ ବିରୋଧ କରୁଛି ବିଜେଡି

ଭୁବନେଶ୍ୱର, ୨୦/୨ (ନି।ପ୍ର): ବିଜେଡ଼ି ମିଶନଶକ୍ତି ଇସି ପୁନର୍ଗଠନକୁ ବିରୋଧ କରୁଛି । କିନ୍ତୁ ସେହି ଇସି ମାନଙ୍କୁ ସରକାରରେ ଥିଲା ବେଳେ ୬ ମାସ ଯାଏଁ ଦରମା ଦେଉନଥିଲା ବିଜେଡ଼ି । କେନ୍ଦ୍ର ପାଖରୁ ଅନୁମୋଦନ ଆଣି ପାରିନଥିଲେ । ହେଲେ ଆଜି ବିଜେପି ସରକାର ସମସ୍ତଙ୍କୁ ଦରମା ଦେବାର ବ୍ୟବସ୍ଥା କରିଛି ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି । ସେ କହିଛନ୍ତି ଯେ, ରାଜନୈତିକ ଉଦ୍ଦେଶ୍ୟ ପୂରଣ ପାଇଁ ବିଜେଡ଼ି ଇସି ଗଠନ କରିଥିଲା । ବିଜେଡ଼ିର କର୍ମୀ ମାନେ ଇସି ମେମ୍ବର ଥିଲେ । କିନ୍ତୁ ଆଜି ଇସି ପୁନର୍ଗଠନ ହେଲେ ଯୋଗ୍ୟା ମହିଳା ମାନେ ସେଥିରେ ସ୍ଥାନ ପାଇବେ । ପ୍ରଶ୍ନକାଳ ସମୟରେ ବିରୋଧୀଙ୍କ ହଟ୍ଟଗୋଳ ଦୁର୍ଭାଗ୍ୟଜନକ । ପୋଡ଼ିୟମ ଆଗକୁ ଆସି ବାଚସ୍ପତିଙ୍କୁ ଦୁର୍ବ୍ୟବହାର କଲେ । ଏହା ଗଣତନ୍ତ୍ରରେ ନିନ୍ଦନୀୟ କଥା । ନିଜ ପ୍ରସଙ୍ଗ ଉଠାଇବା ପାଇଁ ଗୃହରେ ନିର୍ଦ୍ଦିଷ୍ଟ ସମୟ ଅଛି । କୌଣସି ପ୍ରସଙ୍ଗ ଯଦି ଥିଲା ଶୂନ୍ୟକାଳ ସମୟରେ ବିରୋଧୀ ଉଠାଇ ପାରିଥାନ୍ତେ ବୋଲି ଅଶୋକ ମହାନ୍ତି କହିଛନ୍ତି।

# ଓଡ଼ିଶା ଯାତ୍ରୀ: ୪୫ ଦିନରେ ୧ ଲକ୍ଷରୁ ଅଧିକ ଯାତ୍ରୀଙ୍କ ଯାତ୍ରା

ଭୁବନେଶ୍ୱର, ୨୦/୨ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ରାଜ୍ୟର ଅଗ୍ରଣୀ ଗତିଶୀଳତା ଆପ୍ 'ଓଡ଼ିଶା ଯାତ୍ରୀ', ଏହାର ଶୁଭାରମ୍ଭ ହେବାର ମାତ୍ର ୪୫ ଦିନ ମଧ୍ୟରେ ଏକ ଲକ୍ଷରୁ ଅଧିକ ଯାତ୍ରା ସୁବିଧା ଯୋଗାଇ ଏକ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିଛି। ଏହି ସଫଳତା ଭୁବନେଶ୍ୱର ଏବଂ କଟକର ଯାତ୍ରୀମାନଙ୍କ ବର୍ଦ୍ଧିତ ବିଶ୍ୱାସ ଏବଂ ଉତ୍ସାହକୁ ପ୍ରତିଫଳିତ କରେ, ଯେଉଁମାନେ ସୁରକ୍ଷା, ସ୍ୱଚ୍ଛତା ଏବଂ ସୁବିଧା ପାଇଁ ଆପର ପ୍ରତିଶ୍ରୁତିକୁ ଗ୍ରହଣ କରୁଛନ୍ତି। ଓଡ଼ିଶା ସରକାରଙ୍କ ସହାୟତାରେ, ଓଡ଼ିଶା ଯାତ୍ରୀ ଦୈନନ୍ଦିନ ଯାତ୍ରୀମାନଙ୍କ ପାଇଁ ଏକ ପସନ୍ଦର ପସନ୍ଦ ଭାବରେ ଉଭା ହୋଇଛି, ଯାହା ଏକ ସୁଗମ ଏବଂ ନିର୍ଭରଯୋଗ୍ୟ ଯାତ୍ରା ଅଭିଜ୍ଞତା ପ୍ରଦାନ କରୁଛି ।ଯାତ୍ରୀ ସୁରକ୍ଷା ଏବଂ ଡ୍ରାଇଭର ସଶକ୍ତିକରଣକୁ ପ୍ରାଥମିକତା ଦେବା ପାଇଁ ଡିଜାଇନ୍ କରାଯାଇଥିବା, ଓଡ଼ିଶା ଯାତ୍ରୀ ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ଓଡ଼ିଶା ପୋଲିସ ୧୧୨ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହିତ ସମନ୍ୱୟ ଭଳି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକରେ ସଜ୍ଜିତ। ଯାତ୍ରୀମାନେ ସେମାନଙ୍କର ଯାତ୍ରା ବିବରଣୀ ପରିବାର ଏବଂ ବନ୍ଧୁମାନଙ୍କ ସହ ମଧ ସେୟାର କରିପାରିବେ, ଯାହା ସୁରକ୍ଷା ଏବଂ ବିଶ୍ୱାସକୁ ଆହୁରି ବୃଦ୍ଧି କରିବ। ଏହି ବୈଶିଷ୍ଟ୍ୟଗୁଡ଼ିକ, ଆପ୍‌ର ସରକାରୀ ସମର୍ଥନ ସହିତ ମିଳିତ ଭାବରେ, ବାରମ୍ବାର ବ୍ୟବହାର ଏବଂ ବ୍ୟାପକ ସନ୍ତୋଷ ସୃଷ୍ଟି କରିଛି।

ପାରମ୍ପରିକ ରାଇଡ୍ ପ୍ଲାଟଫର୍ମ ପରି ନୁହେଁ, ଓଡ଼ିଶା ଯାତ୍ରୀ ଏକ ଶୂନ୍ୟ-କମିସନ୍ ମଡେଲରେ କାର୍ଯ୍ୟକରେ, ଯାହା ଡ୍ରାଇଭରମାନଙ୍କୁ ସେମାନଙ୍କର ରୋଜଗାରର ଶତପ୍ରତିଶତ ସଂରକ୍ଷଣ କରିବାକୁ ଅନୁମତି ଦିଏ। ଏହି ପରିବର୍ତ୍ତନମୂଳକ ପଦ୍ଧତି କେବଳ ହଜାର ହଜାର ଡ୍ରାଇଭରଙ୍କ ଜୀବିକାକୁ ଉନ୍ନତ କରେ ନାହିଁ ବରଂ ସେମାନଙ୍କୁ ଅଧିକ ସୁରକ୍ଷିତ ଏବଂ ଗ୍ରାହକ-ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରେରଣା ଦିଏ। ଯାତ୍ରୀମାନେ ସୁଲଭ ଭଡ଼ା ଏବଂ ଉନ୍ନତ ଯାତାୟାତ ଅଭିଜ୍ଞତାର ଲାଭ ପାଆନ୍ତି। ଏହି ଆପ୍‌ର ସମ୍ପ୍ରଦାୟ-ଚାଳିତ ପଦ୍ଧତି, ଯାହା ମଧ୍ୟସ୍ଥିମାନଙ୍କୁ ଦୂର କରି ଡ୍ରାଇଭରମାନଙ୍କ ସହିତ ସିଧାସଳଖ ସଂଯୋଗ କରେ, ତାହା ଖୁବ୍ ଶୀଘ୍ର ବ୍ୟବହାରକାରୀଙ୍କ ବିଶ୍ୱାସ ହାସଲ କରିଛି, ଯାହା ଫଳରେ ଓଡ଼ିଶା ଯାତ୍ରୀ ରାଜ୍ୟର ଗତିଶୀଳତା କ୍ଷେତ୍ରରେ ଏକ ଗେମ୍-ଚେଞ୍ଜର ହୋଇପାରିଛି।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ କହିଛନ୍ତି ଯେ ଓଡ଼ିଶା ଯାତ୍ରୀ ନୂତନ ମାନଦଣ୍ଡ ସ୍ଥାପନ କରିଚାଲିଛି, ଏହା ସୁରକ୍ଷା, ସ୍ୱଚ୍ଛତା ଏବଂ ନବସୃଜନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ପ୍ରତ୍ୟେକ ଯାତ୍ରା ସହିତ, ଏହି ଆପ୍ ଓଡ଼ିଶାକୁ ଏକ ସ୍ମାର୍ଟ, ଅଧିକ ସଂଯୁକ୍ତ ଭବିଷ୍ୟତର ନିକଟତର କରୁଛି - ଯାହା ସମସ୍ତଙ୍କ ପାଇଁ ସୁଗମ, ସୁରକ୍ଷିତ ଏବଂ ସଶକ୍ତ ଭ୍ରମଣକୁ ପ୍ରାଥମିକତା ଦିଏ। ଏହାର ଦ୍ରୁତ ସଫଳତା ସହିତ, ଓଡ଼ିଶା ଯାତ୍ରୀ ଏବେ ରାଜ୍ୟବ୍ୟାପୀ ଆହୁରି ବିସ୍ତାର ପାଇଁ ପ୍ରସ୍ତୁତ ହେଉଛି। ଭବିଷ୍ୟତର ଉନ୍ନତିରେ ରିଅଲ୍-ଟାଇମ୍ ପବ୍ଲିକ୍ ଟ୍ରାକିଂ, ଓଟିଡିସି ସହିତ ସମନ୍ୱୟ, ଏଆଇ - ଚାଳିତ ସୁରକ୍ଷା ପ୍ରୋଟୋକଲ୍ ଏବଂ ମଲ୍ଟି-ମୋଡାଲ୍ ଯାତ୍ରା ଯୋଜନା ଅନ୍ତର୍ଭୁକ୍ତ। ଏହି ବିକାଶଗୁଡ଼ିକ ଓଡ଼ିଶାର ସ୍ମାର୍ଟ ଏବଂ ସ୍ଥାୟୀ ଗତିଶୀଳତା ଇକୋସିଷ୍ଟମର ମେରୁଦଣ୍ଡ ଭାବରେ ଓଡ଼ିଶା ଯାତ୍ରୀର ସ୍ଥିତିକୁ ଆହୁରି ସୁଦୃଢ଼ କରିବ, ଲକ୍ଷ ଲକ୍ଷ ଯାତ୍ରୀ ଏବଂ ଡ୍ରାଇଭରଙ୍କୁ ସଶକ୍ତ କରିବ। ଓଡ଼ିଶା ଯାତ୍ରୀ କେବଳ ଏକ ଆପ୍ ନୁହେଁ - ଏହା ଓଡ଼ିଶାର ଭବିଷ୍ୟତକୁ ଏକ ସୁରକ୍ଷିତ, ସ୍ମାର୍ଟ ଏବଂ ଅଧିକ ସୁଲଭ ସହରାଂଚଳ ଗତିଶୀଳତା ଦିଗରେ ଏକ ଆନ୍ଦୋଳନ।

## ଏଫଆଇଏଚ ପ୍ରୋଲିଗ୍-କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ମ୍ୟାଚରେ ସ୍ପେନକୁ ଭେଟିବ ଇଂଲଣ୍ଡ ପୁରୁଷ ଟିମ୍

ଭୁବନେଶ୍ୱର, ୨୦/୨ (ନି.ପ୍ର): ଏଫଆଇଏଚ ପ୍ରୋଲିଗ । ଆଜି କଳିଙ୍ଗ ଷ୍ଟାଡିଅମରେ ଖେଳାଯିବ ତିନୋଟି ମ୍ୟାଚ । ପ୍ରଥମ ମ୍ୟାଚରେ ସ୍ପେନକୁ ଭେଟିବ ଇଂଲଣ୍ଡ ପୁରୁଷ ଟିମ । ସେହିପରି ଦ୍ୱିତୀୟ ମ୍ୟାଚରେ ଭାରତୀୟ ମହିଳା ଦଳ ବନାମ ସ୍ପେନ ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ଶେଷ ମ୍ୟାଚରେ ବିଶ୍ୱଚମ୍ପିୟାନ ଜର୍ମାନୀକୁ ଭେଟିବ ଭାରତ । ଗତକାଲି ଉଭୟ ଭାରତୀୟ ପୁରୁଷ ଏବଂ ମହିଳା ଦଳ ପରାଜିତ ହୋଇଥିବା ବେଳେ ଆଜିର ମ୍ୟାଚରେ ବିଜୟୀ ହୋଇ କମବ୍ୟାକ କରିବାକୁ ପ୍ରୟାସ କରିବେ ।

# କିଟ ବିଶ୍ୱବିଦ୍ୟାଳୟ ମାମଲାରେ ଗଠନ କମିଟିର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୦/୨ (ନି.ପ୍ର): କିଟ ବିଶ୍ୱବିଦ୍ୟାଳୟ ମାମଲାରେ ଗଠନ ହୋଇଥିବା କମିଟିର ବୈଠକ ଅନୁଷ୍ଠିତ ହୋଇଛି । ମୋଡାଲିଟି ଫିକ୍ସ ହୋଇଛି । ଅପରାହ୍ନରେ କମିଟି କିଟ ବିଶ୍ୱବିଦ୍ୟାଳୟ ଯିବାର କାର୍ଯ୍ୟକ୍ରମ ରହିଛି । ସେମାନେ ଆଜିଠାରୁ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିବେ। ନେପାଳ ସରକାରଙ୍କ ୨ ଜଣ ପ୍ରତିନିଧି ଓଡିଶା ଆସିଛନ୍ତି । ସେମାନଙ୍କ ସହିତ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତରେ ଲୋକସେବା ଭବନରେ ବୈଠକ ହୋଇଛି ବୋଲି ସୂରଜ ସୂର୍ଯ୍ୟବଂଶୀ କହିଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ, ଗୃହ ସଚିବ, ଉଚ୍ଚଶିକ୍ଷାଙ୍କ ସହ ନେପାଳ ପ୍ରତିନିଧି ଆଲୋଚନା କରିଛନ୍ତି । ଘଟଣା ବାବଦରେ ଉଭୟ ପକ୍ଷଙ୍କ ମଧ୍ୟରେ ବିଷଦ ଆଲୋଚନା ହୋଇଛି । ସେମାନଙ୍କ କଥା, ଦାବି ରଖିଛନ୍ତି । ରାଜ୍ୟ ସରକାରଙ୍କ ପଦକ୍ଷେପରେ ସେମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବୈଠକ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେପାଳର ପ୍ରତିନିଧିଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି । ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ (ଆରଜୁ ରାଣା ଦେଇବା) ମୁଁ ବ୍ୟକ୍ତିଗତ ଭାବେ ଫୋନରେ କଥା ହୋଇଛି । ରାଜ୍ୟ ସରକାରଙ୍କ ପଦକ୍ଷେପ ବାବଦରେ ମୁଁ ତାଙ୍କୁ ଅବଗତ କରିଛି । ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଫେରିଆସିଥିବା, ଫେରୁଥିବା ଓ ଫେରିବାକୁ ଥିବା ଛାତ୍ରଛାତ୍ରୀ ଯେମିତି ମାନସିକ ନିର୍ଯ୍ୟାତନାର ଶିକାର ନହୁନ୍ତି, ସେମାନଙ୍କର ଦାବି ରହିଛି । ସେଥିପାଇଁ ଆମେ ସରକାରୀ ସ୍ତରରେ ପଦକ୍ଷେପ ନେଉଛୁ । ଆଜି ସନ୍ଧ୍ୟା ସୁଦ୍ଧା ଏକ ହେଲ୍ପ ଲାଇନ ନମ୍ବର ଜାରୀ କରିବୁ । ହେଲ୍ପ ଡେସ୍କ ଜରିଆରେ ସରକାରଙ୍କ ସହ ସିଧାସଳଖ ସମ୍ପର୍କ ହେବା ଦ୍ୱାରା ନେପାଳର ଛାତ୍ରଛାତ୍ରୀଙ୍କୁ ସାହସ ମିଳିବ । ଆସନ୍ତା ୨୮ ତାରିଖରେ କିଛି ପିଲାଙ୍କ ପରୀକ୍ଷା ରହିଛି । ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଉଛୁ ବୋଲି ସୂରଜ ସୂର୍ଯ୍ୟବଂଶୀ କହିଛନ୍ତି ।

## ରାଜ୍ୟରେ ଅଛନ୍ତି ୪୮ ଲକ୍ଷ ୬୫, ୮୫୦ ଜଣ ଚାଷୀ

ଭୁବନେଶ୍ୱର, ୨୦/୨ (ନି.ପ୍ର): ରାଜ୍ୟରେ ଅଛନ୍ତି ୪୮ ଲକ୍ଷ ୬୫, ୮୫୦ ଜଣ ଚାଷୀ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ । ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଜଣ ଚାଷୀ, ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ, ୮ ଲକ୍ଷ ୮୭ ହଜାର ୨୭୨ ଜଣ କ୍ଷୁଦ୍ର ଚାଷୀ ଓ ୩୬ ଲକ୍ଷ ୩୬ ହଜାର ୬୫୮ ଜଣ ନାମମାତ୍ର ଚାଷୀ ଅଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାରେ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ୩୧,୫୧,୭୦୦ ଚାଷୀ ଉପକୃତ ହୋଇଛନ୍ତି । ସେହିଭଳି ସିଏମ କିଷାନ ମାଧ୍ୟମରେ ୪୫,୫୭,୭୩୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯, ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୧୫,୧୭,୦୦୦ ଚାଷୀ ଖରିଫରେ ଓ ୧.୮୩ ଲକ୍ଷ ଚାଷୀ ରବିରେ ପଞ୍ଜୀକରଣ କରିଛନ୍ତି ।

## ୯ ଜଣ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୦/୨ (ନି.ପ୍ର): ଚଳିତ ବର୍ଷ ଧାନ କିଣାରେ ୯ ଜଣ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସରକାର । ବିଧାନସଭାରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି । ସେବା ସମବାୟ ସମିତିରେ ନିଯୁକ୍ତ ମିଲରଙ୍କ ବିରୋଧରେ କଟଣୀ ଛଟଣୀ ସହ ବିଭିନ୍ନ ଅଭିଯୋଗ ପରେ ହୋଇଛି ଆକ୍ସନ ।

# ନେପାଳର ଛାତ୍ରୀ କିଟ୍‌ରେ ମୃତ୍ୟୁ ମାମଲାକୁ ନେଇ ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୨ (ନି.ପ୍ର): କିଟ୍ ବିଶ୍ୱବିଦ୍ୟାଳୟରେ ଗତ ରବିବାର ଦିନ ଇଞ୍ଜିନିୟରିଂ ଛାତ୍ରୀ ପ୍ରକୃତି ଲାମ୍‌ସା (୧୯)ଙ୍କ ମୃତ୍ୟୁ ଓ ଏହା ପରେ ନେପାଳର ଛାତ୍ର ଛାତ୍ରୀ ମାନଙ୍କ ସହ ଦୁର୍ବ୍ୟବହାର ମାମଲାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି । । ଶ୍ରୀ ମାଝୀ ଆଜି ନେପାଳ ବେ ?ଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଂଜୀବ ଦାସ ଶର୍ମାଙ୍କ ସହିତ କଥା ହେବା ସହିତ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ସ୍ଥିତି ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ଶ୍ରୀ ମାଝୀ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ କିଟ୍ ଫେରି ଆସିବା ପାଇଁ ଅପିଲ କରିଛନ୍ତି। ଏନେଇ ରାଜ୍ୟ ଅତିଥି ଭବନରେ ନେପାଳର ଅଧିକାରୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ନେପାଳର ବେ ?ଦେଶିକ ବ୍ୟାପାର ମନ୍ତ୍ରୀ ଡ. ଆରଜୁ ରାଣା ଦେଉବା ମଧ ଶ୍ରୀ ସୂରଜଙ୍କ ସହିତ ମୋବାଇଲ୍ ଫୋନ୍‌ରେ କଥା ହୋଇଥିଲେ।

## ଇ-କେୱାଇସି ଦ୍ୱାରା ରାସନ ବିତରଣ ପ୍ରକ୍ରିୟା ସ୍ୱଚ୍ଛ ହେଉଛି

ଭୁବନେଶ୍ୱର, ୨୦/୨ (ନି.ପ୍ର): ପ୍ରଥମରୁ ସରକାରଙ୍କ ନୀତି ସ୍ପଷ୍ଟ ଅଛି । ପ୍ରକୃତ ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ । ବିଗତ ସରକାର ସମୟରେ ଯୋଗ୍ୟ ଲୋକ ମାନେ ରାସନ କାର୍ଡ ହରାଇଥିଲେ । ସରକାରୀ କର୍ମଚାରୀ ରାସନ କାର୍ଡ ହାତେଇ ଥିଲେ । ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ସର୍ଭେ ହୋଇଥିଲା । ଯେଉଁଥିରୁ ଆୟକରଦାତା, ମୃତ ବ୍ୟକ୍ତି, ବଡ଼ ବଡ଼ିଆ ଧରା ପଡ଼ିଛନ୍ତି । ଏମାନଙ୍କୁ ରାସନ କାର୍ଡରୁ ବାଦ ଦିଆଯିବ । ଗରିବ, ଯୋଗ୍ୟ ଏବଂ ପ୍ରକୃତ ହିତାଧିକାରୀଙ୍କୁ ରାସନ କାର୍ଡ ଦିଆଯିବ । ଇ କେୱାଇସି ଦ୍ୱାରା ରାସନ ବିତରଣ ପ୍ରକ୍ରିୟା ସ୍ୱଚ୍ଛ ହେଉଛି ବୋଲି କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି।

# ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ରେଡ ପ୍ରସଙ୍ଗ, ତଦନ୍ତ ପରେ ଜଣାପଡିବ କେଉଁମାନେ ସଂପୃକ୍ତ : ବିଜେପି

ଭୁବନେଶ୍ୱର, ୨୦/୨ (ନି.ପ୍ର): ଆଇଏଏସ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ରେଡ ପ୍ରସଙ୍ଗରେ ବିଜେପି ପ୍ରତିକ୍ରିୟା ରଖିଛି । ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି ଯେ, ବିଗତ ସରକାର ବେଳେ ବ୍ରିଜ ଆଣ୍ଡ ରୁଫର ମୁଖ୍ୟ ଚଂଚଳ ରଣାଙ୍କର ବହୁତ ପ୍ରତିଷ୍ଠିତ ଲୋକଙ୍କ ସହ ସମ୍ପର୍କ ଥିଲା । ଏ କଥା ବିଷ୍ଣୁପଦ ସେଠୀ ଖୋଲାଖୋଲି କହିଛନ୍ତି । ତେଣୁ ଚଂଚଳ ରଣାଙ୍କର କାହା କାହା ସହ ସମ୍ପର୍କ ଥିଲା, ତାହା ପର୍ଦ୍ଦାଫାଶ ହେବାର ଆବଶ୍ୟକତା ଅଛି । ୧୦ ଲକ୍ଷ ଟଙ୍କା ଲାଂଚ ମାମଲା ନେଇ ସିବିଆଇ ଖୋଲତାଡ଼ କରୁଛି । ସିବିଆଇ ସ୍କାନରରେ ବିଷ୍ଣୁପଦ ସେଠୀ ଅଛନ୍ତି । ତେଣୁ ତଦନ୍ତ ହେଲା ପରେ କିଏ କିଏ ସଂପୃକ୍ତ ଅଛନ୍ତି, ଜଣାପଡ଼ିବ । ଜଣେ କର୍ପୋରେଟ ଲୋକଙ୍କର କାହିଁକି ଲୋକସେବା ଭବନ ତୃତୀୟ ମହଲାକୁ ଅବାଧ ପ୍ରବେଶ ଥିଲା ? କିଏ ଅନୁମତି ଦେଉଥିଲେ ? ଏ ସବୁ ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି।

## ରାଜ୍ୟରେ ନାରୀ ନିର୍ଯାତନା ବଢିଚାଲିଛି-କଂଗ୍ରେସ

ଭୁବନେଶ୍ୱର, ୨୦/୨ (ନି.ପ୍ର): ରାଜ୍ୟରେ ମା ସୁରକ୍ଷିତ ନାହାନ୍ତି । ୩୬ ହଜାର ମହିଳା ଓ ୮ ହଜାର ଶିଶୁ ନିଖୋଜ । ନାରୀ ନିର୍ଯାତନା ବଢ଼ି ବଢ଼ି ଚାଲିଛି । ମିଶନ ଶକ୍ତି ମହିଳା ରାଜରାସ୍ତାରେ ବସିଛନ୍ତି । ପୂର୍ବ ସରକାର ଅଧା ରାସ୍ତାରେ ମିଶନ ଶକ୍ତି ମହିଳାଙ୍କୁ ଛାଡି ପଳେଇଲେ ଏବେ ସରକାର ଶୁଣୁ ନାହାନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । କଂଗ୍ରେସ ପ୍ରତିବାଦ କରି ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି କରିଥିଲା । ହେଲେ ସରକାର ଜାଣିଶୁଣି ଗୃହ ବନ୍ଦ କରିଛନ୍ତି ସେ କହିଛନ୍ତି । ମହିଳା ଓ ଶିଶୁ ସୁରକ୍ଷିତ ନ ହେଲେ ରାଜ୍ୟ କେମିତି ଚାଲିଛି ବୋଲି ରାମଚନ୍ଦ୍ର କାଡାମ କହିଛନ୍ତି ।

## କିଟ୍ ଛାତ୍ରୀ ଆତ୍ମହତ୍ୟା ମାମଲା, ପୁରୁଷ ବନ୍ଧୁଙ୍କୁ ରିମାଣ୍ଡ ପାଇଁ ଆବେଦନ

ଭୁବନେଶ୍ୱର, ୨୦/୨ (ନି.ପ୍ର): କିଟ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା । ଅଭିଯୁକ୍ତ ପୁରୁଷବନ୍ଧୁଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିଛି । ତିନି ଦିନ ରିମାଣ୍ଡ ଆଣିବାକୁ କୋର୍ଟରେ ଆବେଦନ କରିଛି ଇନଫୋସିଟି ଥାନା ପୋଲିସ । ରିମାଣ୍ଡ ବେଳେ ଉଭୟଙ୍କ ମଧ୍ୟରେ ସମ୍ପର୍କ କେମିତି ଥିଲା । କାହିଁକି ଝଗଡା ହୋଇଥିଲା । କାହିଁକି ଛାତ୍ରୀଙ୍କୁ ମାନସିକ ଚାପ ପକାଉଥିଲେ ସେ ସମ୍ପର୍କରେ ପଚରାଉଚରା କରିବ ପୋଲିସ ।

# ଗ୍ରୀନ୍ ପାୱାର ବ୍ୟାଙ୍କିଂ ପ୍ରଦାନ ପାଇଁ ଗ୍ରୀଡକୋ ଓ ଅଭାଡା ଗ୍ରୀନ ପ୍ରାଇଭେଟ ଲିମିଟେଡ଼ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୨୦/୨ (ନି.ପ୍ର): ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ବିକାଶ ପାଇଁ ଓଡ଼ିଶା ଭାରତର ଅଗ୍ରଣୀ ରାଜ୍ୟ। ଅନୁକୂଳ ନୀତି, ବିକଶିତ ସାମୁଦ୍ରିକ ବନ୍ଦର ସହିତ ସବୁଜ ଶକ୍ତି ପାଇବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ସାର, ଇସ୍ପାତ ଏବଂ ଅନ୍ୟାନ୍ୟ ଧାତୁ ଶିଳ୍ପ ଏବଂ ତୈଳ ବିଶୋଧନାଗାରରେ ସବୁଜ ହାଇଡ୍ରୋଜେନ୍ / ଆମୋନିଆର ଆବଶ୍ୟକ ରହିଛି । ଗ୍ରୀଡକୋ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଗ୍ରୀନ୍ ଏନର୍ଜି ଓପନ୍ ଆକ୍ସେସ୍ ରେଗୁଲେସନ୍ସ, ୨୦୨୩ ଅଧୀନରେ ମେସର୍ସ ଅଭାଡା ଗ୍ରୀନ ଏଚ ୨ ପ୍ରାଇଭେଟ ଲିମିଟେଡ଼ ସହିତ ୩୧.୧୨.୨୦୨୮ ରୁ ଆଗାମୀ ୨୫ ବର୍ଷ ପାଇଁ ଗଞ୍ଜାମର ଗୋପାଳପୁରରେ ବାର୍ଷିକ ୦.୫ ମେଟ୍ରିକ ଟନ ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପାଇଁ ୩୦୦ ମେଗାୱାଟର ସବୁଜ ପାୱାର ବ୍ୟାଙ୍କିଂ ସୁବିଧା ପ୍ରଦାନ କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା, ଆମେ ଆମ ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୨୨,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହିତ ୧୪ଟି ସବୁଜ ହାଇଡ୍ରୋଜେନ/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରିଛୁ। ରାଜ୍ୟରେ ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ ଶିଳ୍ପ ପ୍ରତିଷ୍ଠାରେ ଏହା ଏକ ଐତିହାସିକ ଘଟଣା। ଜଳ ବ୍ୟତୀତ, ସବୁଜ ହାଇଡ୍ରୋଜେନ୍ ଏବଂ ଆମୋନିଆ ଉତ୍ପାଦନ ପାଇଁ ନବୀକରଣୀୟ ଶକ୍ତି ହେଉଛି ମୁଖ୍ୟ ଉପାଦାନ। ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଓଡ଼ିଶା ସମସ୍ତ ସୁଯୋଗ ଏବଂ ପ୍ରୋତ୍ସାହନ ଯୋଗାଇ ଦେଉଛି ।

# ବିଜେଡି ସମୟରେ ଚାଲିଥିଲା ବଡ଼ ଦୁର୍ନୀତି- ଯୋଗାଣ ମନ୍ତ୍ରୀ


ଭୁବନେଶ୍ୱର, ୨୦/୨ (ନି.ପ୍ର): ମୃତ ରାସନ କାର୍ଡ ହିତାଧିକାରୀ ନେଇ ଯୋଗାଣ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ଲୋକ ମଲା ପରେ ବି ଚାଲିଥିଲା ପ୍ରକ୍ରିୟା । ମୃତ୍ୟୁର ୪ - ୫ବର୍ଷ ପରେ ମଧ ଉଠୁଥିଲା ଚାଉଳ । ବିଜେଡି ସମୟରେ ଚାଲିଥିଲା ବଡ଼ ଦୁର୍ନୀତି । ଇ-କେୱାଇସି ଶେଷ ପରେ ଆରମ୍ଭ ହେବ ତଦନ୍ତ । ରାଜ୍ୟରେ ୩ ଲକ୍ଷ ୨୮ ହାଜରରୁ ଅଧିକ ମୃତ ହିତାଧିକାରୀ ଚାଉଳ ନେଉଥିଲେ । ଏହା ଇ-କେୱାଇସି ଦ୍ୱାରା ଧାରା ପଡିଲା । ଏ ରାସନ କାର୍ଡ ଏବେ କଟା ସରିଛି । ଆୟକର ଦାତାଙ୍କୁ ମଧ ନୋଟିସ ହୋଇଛି । ଏବେ ଫିଜିକାଲ ଭେରିଫିକେସନ ଚାଲିଛି । ଲୋକ ମାନେ ମଲା ପର ଠାରୁ ୪-୫ ବର୍ଷ ପର୍ଯ୍ୟନ୍ତ ଏ ପ୍ରକ୍ରିୟା ଚାଲିଥିଲା । ଚାଉଳ କିଏ ଖାଉଥିଲା ତାର ତଦନ୍ତ ଚାଲିଛି । ଏଥିରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଛି । ବିଜେଡି ସରକାରରେ ହୋଇଥିବା ଦୁର୍ନୀତିର ଗୋଟି ଗୋଟି ତଦନ୍ତ ହେବ । ବିଜେଡି କେବଳ ଦୁର୍ନୀତି କରୁଥିଲା । ୩୧ ତାରିଖ ପରେ କେତେ ଭୂତ ରାସନ କାର୍ଡ ରହିଛି ସ୍ପଷ୍ଟ ହେବ ।

## ନୟାଗଡର ୪ ମିଲରଙ୍କୁ ଯୋଗାଣ ବିଭାଗର ସୋ କଜ୍ ନୋଟିସ

ଭୁବନେଶ୍ୱର, ୧୯ ଫେବୃୟାରୀ - ନୟାଗଡର ୪ ମିଲରଙ୍କୁ ଯୋଗାଣ ବିଭାଗର ସୋ କଜ୍ ନୋଟିସ ଜାରି ହୋଇଛି । ୩ ଦିନ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୩ ଦିନ ଭିତରେ ଜବାବ ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛି ଯୋଗାଣ ବିଭାଗ ।

# କୋଳଥ

ମୁଗ ବିରି ପରି କୋଳଥ ଏକ ଡାଲି ଜାତୀୟ ରବି ଫସଲ। ଏହି ଡାଲି ଯେତିକି ସ୍ୱାଦିଷ୍ଟ ସେତିକି ସ୍ୱାସ୍ଥ୍ୟପ୍ରଦ। ତେବେ ଏହା ପଶୁମାନଙ୍କ ଆହାର ହୋଇଥିବାରୁ ଏହି ଡାଲି ଖାଇବାକୁ କେତେକ ନାପସନ୍ଦ କରିଥାନ୍ତି। ତଥାପି ଏହାର ଆଦର କିଛି କମ୍ ନୁହେଁ। ପ୍ରୋଟିନ, ଆଇରନ ଏବଂ କାର୍ବୋହାଇଡ୍ରେଟସରେ ଏହା ଭରପୁର। ଏହା ମେଦବହୁଳତା ତଥା ଓଜନ ହ୍ରାସ କରିଥାଏ। ଏଥିରେ ଥିବା ଫାଇବର୍ ରକ୍ତଚାପ ଏବଂ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟକ ହୋଇଥାଏ। ମହିଳାମାନଙ୍କ ମାସିକ ସମସ୍ୟାକୁ ଏହା ଦୂରକରେ, ଥଣ୍ଡା ଜ୍ୱରରୁ ମଧ୍ୟ ଆରାମ ଦିଏ।





ଆୟୁର୍ବେଦିକ୍ ଔଷଧରେ କୋଳଥର ବିଭିନ୍ନ ପ୍ରୟୋଗ ରହିଛି। ଭାରତରେ ଏହାର ଚାଷବାସ ବେଶ୍ ପୁରୁଣା। ଭାରତରୁ ଏହା ଦକ୍ଷିଣପୂର୍ବ ଏସିଆ ଏବଂ ଆଫ୍ରିକା ଯାଇଥିବା କୁହାଯାଏ। ଏବେ ଜାଣନ୍ତୁ କୋଳଥର କିଛି ଔଷଧୀୟ ଉପଚାର।

- କୋଳଥର କାଢ଼ା ପ୍ରସ୍ତୁତ କରି ସେବନ କରିବା ଦ୍ୱାରା ବାତ ସମସ୍ୟା ଦୂରହୁଏ। ତେବେ ଏହି କାଢ଼ାରେ ଗୋଲମରିଚ ଗୁଣ୍ଡ ପକାଇ ପିଇବା ଦ୍ୱାରା ଗଳା ସମସ୍ୟାରୁ ରକ୍ଷା ମିଳେ।
- କୋଳଥ ଡାଲି ଖାଇବା ଦ୍ୱାରା ଅନେକ ପେଟରୋଗର ଉପଶମ ହୁଏ।
- ଏହାର କାଢ଼ାରେ ହେଙ୍ଗୁ ଏବଂ ଶୁଣ୍ଠିଗୁଣ୍ଡ ସହ ସାମାନ୍ୟ ଲୁଣ ମିଶାଇ ସକାଳେ ଏବଂ ସନ୍ଧ୍ୟାରେ ସେବନ କରିବା ଦ୍ୱାରା ପେଟ ଯନ୍ତ୍ରଣା ଦୂରହୁଏ।
- ଅତିସାର ଭୋଗୁଥିବା ରୋଗୀଙ୍କ ପାଇଁ କୋଳଥର କଅଁଳିଆ ପତ୍ରର ରସ ଉପକାରୀ ସିଦ୍ଧ,ହୋଇଛି।
- ଶ୍ୱାସରୋଗୀମାନଙ୍କ ପାଇଁ କୋଳଥ ଉପକାରୀ। ଏହାକୁ ପାଣିରେ ଭଲ ଭାବରେ ସଝାଇ ସେଥିରେ ସାମାନ୍ୟ ସୈନ୍ଧବ ଲବଣ ଏବଂ ହଳଦୀ ମିଶାଇ ତାକୁ ଛାଣି ଶ୍ୱାସରୋଗୀକୁ ପିଇବାକୁ ଦେଲେ ଉପକାର ହୋଇତାଏ। ଏହା ଦିନକୁ ତିନି ଚାରିଥର ପିଇବାକୁ ଦେବା ଦରକାର।
- କୋଳଥ, ପାଷାଣଭେଦୀ ଏବଂ ଗୋଖାରୁର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା କିଛି ସପ୍ତାହ ମଧ୍ୟରେ ପଥରୀ ରୋଗ ଦୂର ହୋଇଥାଏ। ଏହା ପରିସ୍ରା ସହ ଧୀରେ ଧୀରେ ବାହାରି ଆସିଥାଏ। କୋଳଥ ଡାଲି ଖାଇବା ଦ୍ୱାରା ମଧ୍ୟ ପଥରୀ ସମସ୍ୟା ଦୂରହୁଏ। ଏଥିରେ ଥିବା ଭିଟାମିନ ଏ ପଥରୀକୁ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ। ଥରେ ପଥରୀରେ ପୀଡ଼ିତ ହୋଇଥିବା ରୋଗୀଠାରେ ପୁଣିଥରେ ଏହା ହେବାର ସମ୍ଭାବନା ଥାଏ। ତେଣୁ ଏହା ଭଲ ହେବା ପରେ ମଧ୍ୟ ମଝିରେ ମଝିରେ କୋଳଥ ସେବନ କରିବା ଦରକାର।
- କୋଳଥ ଗଛରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ। ତ୍ୱଚାରେ ତୈଳକୁ ହ୍ରାସ କରିବା ପୁଣି ପରିସ୍ରା ବୃଦ୍ଧି କରିବାର ଗୁଣ ଏହାର ରହିଛି। ଏହା ତରଳ ଝାଡ଼ା, ହେମରେଜ, ହେମୋରଏଡ୍ ପରି ସମସ୍ୟା ଦୂର କରିଥାଏ।
- କୋଳଥକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଋତୁକାଳୀନ ଯନ୍ତ୍ରଣା ଏବଂ ଲ୍ୟୁକୋରିୟା ପରି ସମସ୍ୟା ଦୂରହୁଏ। ଅନିୟମିତ ଋତୁସ୍ରାବ ହେଉଥିଲେ କୋଳଥର ସୁପ୍ ପ୍ରସ୍ତୁତ କରି ପିଇବା ଦ୍ୱାରା ଲାଭ ମିଳିଥାଏ।
- ଲିଭର ଦୁର୍ବଳ ଥିବା ବ୍ୟକ୍ତି ପାଇଁ ଠେକଳଥ ଡାଲି ଉପକାରୀ।
- କିଛି କୋଳଥ ନେଇ ପାଣିରେ ସିଝାନ୍ତୁ। ଏହି ପାଣିରେ ସେବନ ଜ୍ୱର ରୋଗକୁ ହ୍ରାସ କରେ।
- କୋଳଥକୁ ଚୂନା କରି ରଖନ୍ତୁ। ସେହି ଚୂନାରୁ ପ୍ରତିଦିନ ଦୁଇ ଚାମଚ ପାଣିରେ ମିଶାଇ ପିଇବା ଦ୍ୱାରା ତ୍ୱଚାରୁ କୁଞ୍ଚନ ଦୂର ହୋଇଥାଏ।
- ନିୟମିତ କୋଳଥ ଡାଲି ଖାଇବା ଦ୍ୱାରା ମେଦ ହ୍ରାସ ଘଟିଥାଏ। ଦୈନିକ ୧୦୦ ଗ୍ରାମର କୋଳଥଡାଲି ଖାଇବା ଦ୍ୱାରା ମାସକ ମଧ୍ୟରେ ମୋଟାପଣ କମିଯାଏ।
- ଗୋଟେ ଲିଟର ପାଣିରେ ୫୦ ଗ୍ରାମ କୋଳଥ ମିଶାଇ ତାକୁ ଭଲ ଭାବେ ଫୁଟାନ୍ତୁ। ପାଣି ମରି ମରି ଯେତେବେଳେ ମାତ୍ର ଏକ ଚତୁର୍ଥାଂଶ ପାଣି ରହିବ ତାକୁ ଓହ୍ଲାଇ ଛାଣି ଦିଅନ୍ତୁ। ଏଥିରେ ଆବଶ୍ୟକତା ଅନୁଯାୟୀ ସୈନ୍ଧବ ଲବଣ ଏବଂ ଅଧଚାମଚ ଶୁଣ୍ଠିଚୂନା ପକାନ୍ତୁ। ଏହାକୁ ପିଇବା ଦ୍ୱାରା ବାତଜ୍ୱରରୁ ଅରାମ ମିଳିଥାଏ।
- ଚିକିତ୍ସା ବିଶେଷଜ୍ଞଙ୍କ ମତରେ ଶ୍ୱାସ ଏବଂ କଫରୋଗରେ କୋଳଥ ସେବନ ଲାଭଦାୟକ ହୋଇଥିଲେ ମଧ୍ୟ ଶ୍ୱାସରୋଗୀର କଫ ଯଦି ଶୁଷ୍କ ହୋଇଯାଏ ତେବେ ଏହା ସେବନ କରିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ଅଧିକ କ୍ଷତି ଘଟିଥାଏ। ଗର୍ଭବତୀ ମହିଳାମାନେ କୋଳଥ ନଖାଇବା ଭଲ। ଅତ୍ୟଧିକ ଅମ୍ଳ ପୀଡ଼ିତ ବ୍ୟକ୍ତି କୋଳଥ ନଖାଇବା ଉଚିତ।



# ସ୍ୱାସ୍ଥ୍ୟ ପକ୍ଷେ ହିତ ତାଳି



ଉଚ୍ଚ ରକ୍ତଚାପରୁ ମୁକ୍ତି ପାଇବା ପାଇଁ ପ୍ରତିଦିନ ସାକଲେ ଅଧାଘଂଟା ଲେଖାଏଁ ତାଳି ମାରିବା ଉଚିତ୍।

- ପ୍ରତିଦିନ ତାଳି ମାରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇଥାଏ। ଏପରି କରିବା ଦ୍ୱାରା ହୃଦୟଜନିତ ରୋଗରୁ ମୁକ୍ତି ମିଳିଥାଏ, ଅତ୍ୟଧିକ ଚର୍ବି ହ୍ରାସ ପାଳଇଥାଏ, ମୋଟାପଣ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।
- ତାଳି ମାରିବା ଅଭ୍ୟାସ ରଖିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଫଳରେ ଥଣ୍ଡା, କାଶ ଓ ଜ୍ୱର ଆଦି ରୋଗରୁ ମୁକ୍ତି ମିଳିଥାଏ।
- ପ୍ରତ୍ୟେହ ତାଳି ମାରିବା ଦ୍ୱାରା ଶରୀରରେ ଅମ୍ଳଜାନ ପ୍ରବାହ ସୁଚାରୁରୂପେ ହୋଇଥାଏ।
- ଏହା କରିବାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇଥାଏ।
- ରାତିରେ ନିଦ ହେଉ ନାହିଁ, ରାତି ଅନିଦ୍ରା ହେତୁ ବିଭିନ୍ନ ପ୍ରକାରର ରୋଗମାଡ଼ି ବସୁଛି। ଏଥିପାଇଁ ପ୍ରତିଦିନ ତାଳି ମାରିବାର ଅଭ୍ୟାସ ରଖନ୍ତୁ। ଏପରି କରିବା ଦ୍ୱାରା ଶରୀରରେ ଏମିତି କିଛି ହରମୋନ କ୍ଷରିତ ହୋଇଥାଏ, ଯାହା ରାତିରେ ଭଲ ନିଦ ହେବାର ସାହାଯ୍ୟ କରିଥାଏ।
- ଅନେକ ସମୟରେ ମନରେ ବିଭିନ୍ନ ପ୍ରକାର ଚିନ୍ତା ମାଡ଼ିଥାଏ। ଏହି ଚିନ୍ତା ଯୋଗୁଁ ମୁଣ୍ଡବିନ୍ଧା ହୋଇଥାଏ। ଯେତେ ପ୍ରକାର ଔଷଧ ସେବନ କଲେ ଭଲ ହୋଇନଥାଏ। ସେ କ୍ଷେତ୍ରରେ ପ୍ରତିଦିନ ତାଳି ମାରନ୍ତୁ ମୁଣ୍ଡବିନ୍ଧା ରୋଗରୁ ମୁକ୍ତି ପାଇବେ।

# ହଜମ ସମ୍ବନ୍ଧିତ ସମସ୍ୟା ହେବ ଦୂର: ଗଳା ଦରଜ ହେଉଥିଲେ ବି ଔଷଧ ପରି କରିବ କାମ



ଗୁଜୁରାତି ପ୍ରାୟ ସବୁ ଭାରତୀୟ ରୋଷେଇ ଘରେ ମିଳିଥାଏ । ଏହାର ବ୍ୟବହାର ସାଧାରଣତଃ ଲୋକମାନେ ଖାଇବା ବା ଚା'ର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥାନ୍ତି । ଏହି ଦୁଇଟି କାମ ଅପେକ୍ଷା ଗୁଜୁରାତି ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଏହାକୁ ଖାଇବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦୂର ହୋଇଥାଏ । ତେବେ ଆସନ୍ତୁ ଜାଣିବା ଏହାର ଫାଇଦା ବିଷୟରେ। ଗୁଜୁରାତିକୁ ଆପଣ ଏକ ଉତ୍ତମ 'ମାଉଥ୍ ଫ୍ରେସ୍‌ନର' ବୋଲି କହିପାରନ୍ତି। ଦାନ୍ତ ଘଷିବା ପରେ ମଧ୍ୟ କିଛି ଲୋକଙ୍କ ମୁହଁରୁ ଦୁର୍ଗନ୍ଧ ବାହାରିଥାଏ। ଏହାକୁ ଦୂର କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର ମାଉଥ୍ ଫ୍ରେସନର ବ୍ୟବହାର କରିଥାନ୍ତି । କିନ୍ତୁ ସେଥିରୁ ମଧ କୌଣସି ଲାଭ ମିଳି ନ ଥାଏ । ଏତେ ସବୁ କରିବା ଅପେକ୍ଷା ଗୋଟିଏ ଗୁଜୁରାତି ଖାଇ ନିଅନ୍ତୁ । ଯାହାର ଫାଇଦା ଆପଣମାନେ ଜାଣି ପାରିବେ । ଆଜିକାଲି ଲୋକମାନଙ୍କ କ୍ଷେତ୍ରରେ ହଜମ ସମସ୍ୟା ସାଧାରଣ ହୋଇଗଲାଣି । ଏଭଳି ସମସ୍ୟା ଥିଲେ ପ୍ରତିଦିନ ଗୁଜୁରାତି ସେବନ କରନ୍ତୁ । ଏହା ଦ୍ୱାରା ହଜମ ସମ୍ବନ୍ଧିତ ସମସ୍ୟା ଦୂର ହୋଇଥାଏ। ଓଜନ ହ୍ରାସ କରିବା ପାଇଁ ବି ଗୁଜୁରାତି ଖୁବ୍ ଭଲ। ଗଳା ଦରଜ ହେଉଥିଲେ ବା କାଶ ହେଉଥିଲେ ଗରମ ପାଣି ସହିତ ଗୋଟିଏ ଗୁଜୁରାତି, ଖଣ୍ଡେ ଅଦା, ଗୋଟିଏ ଲବଙ୍ଗ ଏବଂ ୩-୪ଟି ତୁଳସୀ ପତ୍ର ଖାଆନ୍ତୁ । ଏପରି କଲେ ଗଳାର ସମସ୍ୟା ଦୂର ହୋଇଥାଏ। ଗୁଜୁରାତି ଖାଇବା ଦ୍ୱାରା ହଜମ ମଧ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ଯେ ଅତ୍ୟଧିକ ଗୁଜୁରାତି ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ।

# ଘରର କେଉଁ ଦିଗରେ ନିର୍ମାଣ କରିବେ ଷ୍ଟୋରରୁମ୍



ଯଦି ଘର ନିର୍ମାଣ କରିବା ସମୟରେ ସଠିକ୍ ସ୍ଥାନରେ ଷ୍ଟୋର ରୁମ୍ କରିନାହାନ୍ତି, ତେବେ ବାସ୍ତୁଦୋଷ ଉତ୍ପନ୍ନ ହେବା ସହିତ ଅନେକ ସମସ୍ୟା ଉପୁଜିପାରେ। ଏହାକୁ ସର୍ବଦା ଧ୍ୟାନରେ ରଖିବା ଉଚିତ ଯେ, ଯଦି ଘରେ କୌଣସି ଅଦରକାରୀ ଜିନିଷ ଅଛି, ତେବେ ତାହାକୁ ସଜାଡ଼ି ଦେଇ ସଠିକ୍ ସ୍ଥାନରେ ରଖନ୍ତୁ। ଅନୁପଯୋଗୀ ବସ୍ତୁଗୁଡ଼ିକ ଘରର ସକାରାତ୍ମକ ଶକ୍ତିକୁ ଦୁର୍ବଳ କରିଥାଏ। ଏସବୁକୁ ଷ୍ଟୋରରୁମ୍‌ରେ ରଖୀବାକୁ ହୁଏ। ତେଣୁ କେଉଁ ଦିଗରେ ଷ୍ଟୋର ରୁମ୍ ରହିବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ଏବଂ କେଉଁ ଦିଗ ଏହା ପାଇଁ ଉଚିତ ନୁହେଁ, ସେ ସମ୍ପର୍କରେ କିଛି ବାସ୍ତୁ ନିୟମ ରହିଛି। ବିଭିନ୍ନ ଦିଗରେ ନିର୍ମିତ ଷ୍ଟୋରରୁମ୍ ବିଭିନ୍ନ ପ୍ରଭାବ ପକାଇଥାଏ। ଏ ସମ୍ପର୍କରେ ଆସନ୍ତୁ ଜାଣିବା।

ଉତ୍ତର ଦିଗ ଧନ ଓ ସୁଯୋଗର କ୍ଷେତ୍ର ଅଟେ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଉଚିତ ନୁହେଁ। ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ପରିବାର ସଦସ୍ୟଙ୍କ କ୍ୟାରିୟରର ବିକାଶ ଓ ଧନ ଆଗମନରେ ବାଧକ ସୃଷ୍ଟି ହୋଇଥାଏ।

ଉତ୍ତର-ପୂର୍ବ ଦିଗକୁ ସବୁବେଳେ ଖୋଲା ରଖୀବା ପାଇଁ ନିୟମ ରହିଛି। ଏହି ଦିଗ ବୁଦ୍ଧି ଓ ମାନସିକ ଶକ୍ତି ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରି ଅଦରକାରୀ ଜିନିଷ ରଖୀବା ଦ୍ୱାରା ନକାରାତ୍ମକ ଚିନ୍ତନ, ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହୁଏ।

ପୂର୍ବ ଦିଗରେ ମଧ ଷ୍ଟୋରରୁମ୍ ନିର୍ମାଣ କରନ୍ତୁ ନାହିଁ। କାରଣ ଏହା ସ୍ୱାସ୍ଥ୍ୟ ଓ ଚିନ୍ତାଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ସମାଜିକ କ୍ଷେତ୍ରରେ ବିକାଶରେ ଏହା ବାଧା ଦେଇଥାଏ। ଅନେକ ଚେଷ୍ଟା ପରେ ବି ବ୍ୟକ୍ତି ସଫଳ ହୋଇପାରିନଥାନ୍ତି।

ଦକ୍ଷିଣ ପୂର୍ବ ଦିଗ ଧନ ଆସିବା ଓ ଖର୍ଚ୍ଚ କରିବା ସହିତ ଜଡ଼ିତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଦ୍ୱାରା ଧନ ଆସିବାର ମାର୍ଗ ଅବରୋଧ ହୋଇଥାଏ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଦକ୍ଷିଣରୁ ପଶ୍ଚିମ ଦିଗ ମଧରେ ଭାରୀବସ୍ତୁ ରଖୀବା ପାଇଁ ନିୟମ ରହିଛି। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ କରିବା ସବୁଠାରୁ ଉତ୍କୃଷ୍ଟ। ଏହି ଦିଗରେ ଷ୍ଟୋରରୁମ୍ ନିର୍ମାଣ ହୋଇଥିଲେ ଶକ୍ତି, ଆତ୍ମବିଶ୍ୱାସ ଓ ସୁରକ୍ଷାର ଭାବନା ଆସିଥାଏ। ଅଜଣା ଭୟରୁ ମୁକ୍ତି ଦେବା ସହ ମନକୁ ଶାନ୍ତ ରଖୀଥାଏ।


ପଶ୍ଚିମ ଦିଗରେ ଷ୍ଟୋରରୁମ୍ ନିର୍ମାଣ ମଧ ଉତ୍ତମ ପ୍ରଭାବ ପକାଇଥାଏ। ଏହା ଶିଶୁମାନଙ୍କ କ୍ଷେତ୍ରରେ ସଂସ୍କାରର ମୁଖ୍ୟ ଆଧାର ହୋଇଥାଏ ଏବଂ କ୍ୟାରିୟର ପ୍ରତି ସଜାଗ ରହିବାରେ ସହାୟକ ହୋଇଥାଏ। ଏଠାରେ ଲୁହା ଆଲମାରୀ ଓ ପୁରୁଣା ବାକ୍ସ ଆଦି ରଖୀପାରିବେ। ଉତ୍ତର-ପଶ୍ଚିମ ଦିଗ ସହଯୋଗ ସହିତ ସମ୍ପୃକ୍ତ। ତେଣୁ ଏହି ଦିଗରେ ଷ୍ଟୋରରୁମ୍ ରହିବା ଅତ୍ୟନ୍ତ ଲାଭଦାୟକ। ଏଠାରେ ନିର୍ମିତ ଷ୍ଟୋରରୁମ୍‌ରେ ଯେକୌଣସି ଜିନିଷ ରଖୀହେବ। ଘରର ବାୟବ୍ୟ କୋଣରେ ନିର୍ମିତ ଷ୍ଟୋରରୁମ୍ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ଦେଇଥାଏ।



# ଚାକିରି ମିଳିବା ପରେ

ଆଜିକାଲି ଚାକିରି ମିଳିବା କଷ୍ଟକର ହୋଇପଡ଼ିଲାଣି। ତେଣୁ ଯଦି ବେସରକାରୀ ଚାକିରିଟିଏ ବି ମିଳିଯାଏ, ତେବେ ବହୁତ ଖୁସି ଲାଗେ। ଚାକିରି ମିଳିବା ପରେ ଏହାକୁ ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ଚାକିରିକୁ ସୁରକ୍ଷିତ ରଖିବା ପାଇଁ କ'ଣ କରିବା ଆବଶ୍ୟକ।

- କର୍ମକ୍ଷେତ୍ରରେ ସମୟ ଜ୍ଞାନ ରହିବା ନିହାତି ଆବଶ୍ୟକ। ଅଫିସରେ ଠିକ ସର୍ମୟରେ ପହଞ୍ଚନ୍ତୁ। ବିଳମ୍ବରେ ପହଞ୍ଚିବା ଯୋଗୁଁ ବସ କର୍ମଚାରୀଙ୍କ ଉପରେ ବିରକ୍ତ ହୋଇପାରନ୍ତି। ଯାହା ଆପଣଙ୍କ କାର୍ଯ୍ୟ ଦକ୍ଷତାରେ କୁପ୍ରଭାବ ପକାଇପାରେ।
- ଅଫିସରେ ଦିଆଯାଇଥିବା କାମଗୁଡ଼ିକୁ ନିର୍ଭୁଲ ଭାବରେ କରିବାକୁ ଚେଷ୍ଟା କରନ୍ତୁ। ଏପରି କରିବା ଦ୍ୱାରା ବସ ଆପଣଙ୍କ ଉପରେ ଖୁସି ହେବେ। ଯଦି କାମଗୁଡ଼ିକୁ ସତର୍କତାର ସହିତ ନକରି ଭୁଲରେ କରିବେ, ତେବେ କମ୍ପାନୀର ବିଶ୍ୱାସ ତୁଟିଯିବ। ଫଳରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆପଣଙ୍କୁ ଦିଆଯିବ ନାହିଁ।
- ଅଫିସରେ ସର୍ବଦା ଅନ୍ୟ ସହକର୍ମୀମାନଙ୍କ ସହ ଉତ୍ତମ ବ୍ୟବହାର କରନ୍ତୁ। ଏହାଦ୍ୱାରା ଅଫିସରେ ସମସ୍ତେ ଆପଣଙ୍କ ଉପରେ ଖୁସି ରହିବେ। ଉପରିସ୍ଥ କର୍ମଚାରୀ ଓ ବସ୍ ତୁମ ଉପରେ ବିଶ୍ୱାସ ରଖିବେ। ଏହାଦ୍ୱାରା କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆସିବା ସମ୍ଭବ ହେବ।
- ଯଦି ଅଫିସରେ ଆପଣଙ୍କୁ ଆବଶ୍ୟକତା ଠାରୁ ଅଧିକ କାମ ଦିଆଯାଇଥାଏ, ତାହେଲେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ। ଅଫିସରେ ଯେତେ ଅଧିକ କାମ କରିବେ, ଏହା ଆଗକୁ ବଢ଼ିବାରେ ସହାୟକ ହେବ। ଏହାଦ୍ୱାରା ଭବିଷ୍ୟତରେ ଭଲ ସୁଯୋଗର ସମ୍ଭାବନା ବଢ଼ିଥାଏ।



- ଯଦି ଅଫିସରେ ଅଧିକ କାମର ଚାପ ଥାଏ, ତେବେ ସେହି ସମୟରେ ଆମେ ଅନେକ ଜରୁରି କଥା ଭୁଲିଯାଇଥାଉ। ଏଥିପାଇଁ ନିଜ ପାଖରେ ଏକ ଡାଏରୀ ରଖନ୍ତୁ। ଯଦି ଏମିତି କିଛି ଜରୁରୀ କାମ ଥାଏ, ତେବେ ଡାଏରୀରେ ଲେଖିରଖନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଣି ଦଳାଚକଟା...

ପ୍ରୟାଗରାଜରେ ମହାକୁମ୍ଭ ପବିତ୍ର ସ୍ନାନ ସକାଶେ ଶ୍ରଦ୍ଧାଳୁଙ୍କ ସ୍ୱତନ୍ତ୍ର ଆଗ୍ରହ କିଛି ନୂଆ କଥା ନୁହେଁ। କିନ୍ତୁ ଆୟୋଜକଙ୍କ ପକ୍ଷରୁ ଯେଭଳି ପ୍ରଚାର ଓ ପ୍ରସାର କ୍ରମାଗତ ଭାବେ ଚାଲିଛି, ତାହାକୁ ଦୃଷ୍ଟିରେ ରଖି ଭିଡ଼ ସମ୍ଭାଳିବା ପାଇଁ ବ୍ୟବସ୍ଥିତ ଢଙ୍ଗରେ ଶୃଙ୍ଖଳାରକ୍ଷା ଦିଗରେ ଯେ ଉଚିତ ଧ୍ୟାନ ଦିଆଯାଇନାହିଁ, ତାହା ଘଟଣାକ୍ରମରୁ ସ୍ପଷ୍ଟ ହୋଇଛି। ମୌନୀ ଅମାବାସ୍ୟାରେ ଘଟିଥିବା ଦଳାଚକଟାର ଭୟାବହତା କେବଳ ଏକମାତ୍ର ଘଟଣା ନୁହେଁ। ପ୍ରୟାଗରାଜରେ ପରିଲକ୍ଷିତ ଅବ୍ୟବସ୍ଥା ଏକାଧିକ ଘଟଣାରୁ ସ୍ପଷ୍ଟ ହୋଇଛି। ଭିଡ଼ ପରିଚାଳନାରେ ବ୍ୟବସ୍ଥାଗତ ଦୁର୍ବଳତାକୁ କର୍ତ୍ତୃପକ୍ଷ ସୁଧାରିବା ପରିବର୍ତ୍ତେ ସେଥିପ୍ରତି ଆଖିବୁଜି ଦେଇଥିବା ଭଳି ମନେହୁଏ। ପ୍ରଚାର ମାଧ୍ୟମରେ ମହାକୁମ୍ଭ ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି କରାଯାଉଥିବା ବେଳେ ଯାତ୍ରୀ ପରିବହନ କ୍ଷେତ୍ରରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ତାହା କେବଳ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳରେ ସୀମିତ ରହିଥିବା ଭଳି ମନେହୁଏ। ଦେଶର ସବୁଠାରୁ ଜନଗହଳିପୂର୍ଣ୍ଣ ଦିଲ୍ଲୀ ଷ୍ଟେସନରେ ସ୍ୱାଭାବିକ ଭାବେ ଯାତ୍ରୀ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାର ଗୁରୁତ୍ୱ ରହିଛି। ଅଥଚ ସେଠାରେ ଶନିବାର ରାତିରେ ଯେଉଁ ଦଳାଚକଟା ଘଟିଲା, ତାହାକୁ ବ୍ୟବସ୍ଥାଗତ ବିଫଳତା କୁହାଯାଇପାରେ। ହାତପାହାନ୍ତା ଦୂରରେ ଅବସ୍ଥିତ ମନ୍ତ୍ରାଳୟ ଓ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏଭଳି ଏକ ଘଟଣାକୁ କିଭଳି ଅଣଦେଖା କଲେ, ତାହା ସତରେ ଅଚିନ୍ତନୀୟ। ସପ୍ତାହନ୍ତ ଶନିବାର ଦିଲ୍ଲୀ ଷ୍ଟେସନରୁ ପ୍ରୟାଗରାଜ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଘୋଷଣା କଲା ବେଳେ କର୍ତ୍ତୃପକ୍ଷ ସମ୍ଭାବ୍ୟ ଭିଡ଼ ନେଇ ପ୍ରସ୍ତୁତି ଆରମ୍ଭ କରିଦେବାର ଥିଲା। ସନ୍ଧ୍ୟାରୁ ଅସମ୍ଭାଳ ଯାତ୍ରୀ ଭିଡ଼। କ୍ରମାଗତ ଭାବେ ଭିଡ଼ ବଢ଼ିଚାଲିଥିବା ବେଳେ ଷ୍ଟେସନ କର୍ତ୍ତୃପକ୍ଷ ସତର୍କ ହେଲେନି କି ପରିସ୍ଥିତି ନିୟନ୍ତ୍ରଣ ସକାଶେ ସୁରକ୍ଷାବାହିନୀର ସହଯୋଗ ଲୋଡ଼ିଲେନି। ପ୍ରତି ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି କ୍ୟାମେରାରୁ ସ୍ଥିତି ଆକଳନ କରିବାରେ କିଛି ଅସୁବିଧା ନଥିଲା। ଏପରିକି ଭିଡ଼ ଆକଳନ ସକାଶେ ସ୍ୱତନ୍ତ୍ର ସଫ୍ଟୱେର ବ୍ୟବସ୍ଥା ମଧ୍ୟ ରହିଛି। ଏତେସବୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଦିଲ୍ଲୀ ଷ୍ଟେସନରେ ଉପଲବ୍ଧ ଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ଦୂର କରା ଯାଇ ନ ପାରିବା ନିଶ୍ଚୟ ଏକ ଅକ୍ଷମଣୀୟ ଅପରାଧ। ଉଲ୍ଲେଖଯୋଗ୍ୟ ଘଟଣା ହେଲା, ରାତି ୧୦ଟାରୁ ଆହତ ରେଳଯାତ୍ରୀଙ୍କୁ ନିକଟସ୍ଥ ଏଲ୍ଏନ୍ଜେପି ହସ୍ପିଟାଲରେ ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ରାତି ୧୨ଟା ପର୍ଯ୍ୟନ୍ତ ସମସ୍ତଙ୍କୁ ଘଟଣା ସମ୍ପର୍କରେ ଅନ୍ଧକାରରେ ରଖାଯାଇଥିଲା। ଆମର ଏଠାରେ କହିବାର କଥା ଯେ ଦୁର୍ଘଟଣା ଆଗୁଆ ସୂଚନା ଦେଇ ଘଟେନି। କିନ୍ତୁ ଷ୍ଟେସନରେ ହୋଇଥିବା ଦଳାଚକଟା ତ ଦୁର୍ଘଟଣା ନୁହେଁ, ବରଂ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ଏଭଳି ଏକ ଦୁର୍ଭାଗ୍ୟଜନକ ଦଳାଚକଟା ଘଟିବାକୁ ଦିଆଗଲା। ଅନିୟନ୍ତ୍ରିତ ଯାତ୍ରୀଭିଡ଼ ମଧ୍ୟରେ ଶେଷପର୍ଯ୍ୟନ୍ତ ମହାକୁମ୍ଭଯାତ୍ରୀଙ୍କ ଟିକଟ କଟା ଚାଲିଥିଲା। ଏକଥା ସତ ଯେ ସ୍ୱତନ୍ତ୍ର ଟ୍ରେନ ପହଞ୍ଚିବାରେ ବିଳମ୍ବ ଘଟିଛି। ଏହି ଅସମ୍ଭାଳ ଅବସ୍ଥାରେ କର୍ତ୍ତୃପକ୍ଷ ଶେଷ ମୁହୂର୍ତ୍ତରେ ପ୍ଲାଟଫର୍ମ ବଦଳାଇଦେଲେ। ଟ୍ରେନ୍ ଧରିବା ସକାଶେ ବିକଳରେ ଥିବା ଯାତ୍ରୀ ଏକ୍ସାଲେଟରରେ ତରବର ହୋଇ ୧୬ ନମ୍ବର ପ୍ଲାଟଫର୍ମ ଅଭିମୁଖେ ମାଡ଼ିଚାଲିଲେ। ତାହା ହିଁ ଥିଲା ଦଳାଚକଟାର ମୁଖ୍ୟ କାରଣ। ଏଥିରେ ୯ ମହିଳା ଓ ୫ ଶିଶୁଙ୍କ ସମେତ ୧୮ ଜଣଙ୍କ ପ୍ରାଣହାନି ଘଟିଛି। ଆମେ ପୁଣି ଥରେ କହୁଛୁ ଯେ ଏହାକୁ ରୋକାଯାଇ ପାରିଥା'ନ୍ତା। ପରିବର୍ତ୍ତିତ ବ୍ୟବସ୍ଥା ଏପରି ହୋଇଛି ଯେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ଅପାରଗତା ଧରା ପଡ଼ିଯିବା ଭୟରେ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି, ଯାହା ଘଟୁଛି ଘଟିଯାଉ। ସବୁଠାରୁ ବଡ଼ କଥା ହେଉଛି, ପ୍ରୟାଗରାଜ ଦଳାଚକଟା ହେଉ କି ଦିଲ୍ଲୀ ଷ୍ଟେସନ ଘଟଣା ହେଉ, ସବୁକଥାରେ ଦୋଷତ୍ରୁଟିକୁ ଲୁଚାଇବା ଓ ଅସଲରେ କେତେ ମଲେ ଗଲେ ତାହାକୁ ଲୋକଲୋଚନକୁ ନ ଆଣିବାରେ ଯେତେ ପ୍ରୟାସ ହେଉଛି, ସ୍ଥିତି ସୁଧାରିବାରେ ସେତିକି ହେଉନି। ମୃତାହତଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଦେଲେ କାମ ସରିଲା। ଦଳାଚକଟାରେ ଯେଉଁ ଅମୂଲ୍ୟ ଜୀବନ ହାନି ଘଟିଲା ତାହାର ମୂଲ୍ୟ ନିର୍ଦ୍ଧାରଣ କରିବ କିଏ? ସେ କ୍ଷତି କୌଣସି ସରକାର ଭରଣା କରି ପାରିବେନି। ଅତୀତରେ ଉପୁଜିଥିବା ଅନୁରୂପ ଘଟଣାବଳୀ ସମ୍ପର୍କରେ ଉଲ୍ଲେଖକରି ଏବେ ଯାହା ଘଟିଲା, ତାହା କିଛି ନୂଆ ନୁହେଁ ବୋଲି ନିଜ ଦୋଷ ଘୋଡ଼ାଇଲେ କ'ଣ କାମ ସରିଗଲା? ମହାକୁମ୍ଭରୁ ରାଜନୈତିକ ଫାଇଦା ହାସଲ ସକାଶେ ୫୦ ରୁ ଊର୍ଦ୍ଧ୍ୱ କୋଟି ଲୋକ ପବିତ୍ର ସ୍ନାନ କରିବା ସମ୍ପର୍କରେ ତୁହାକୁତୁହା ପ୍ରଚାର କରି ଦେଶବାସୀଙ୍କ ମନରେ ଭାବାବେଗ ସୃଷ୍ଟି କରାଯିବାରେ କିଛି ଆପତ୍ତି ନାହିଁ। ତେବେ ସମସ୍ତଙ୍କ ପାଇଁ ସୁରକ୍ଷିତ ସୁଯୋଗ ସୃଷ୍ଟି କରିବା ଭଳି ବୃହତ୍ତର ଦାୟିତ୍ୱ ମୁଣ୍ଡାଇବାର ଯେଉଁ ଗୁରୁଦାୟିତ୍ୱ ଅଛି, ତାହାକୁ ନିଭାଇ ନପାରିଲେ ଯେ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବ। ଅତୀତରେ କ'ଣ ଘଟିଥିଲା ତାହା ବଡ଼କଥା ନୁହେଁ, ଏବେ ତମେ ଯେ ଅସମର୍ଥ ଓ ନିପରବାୟ, ତାହା ପ୍ରମାଣିତ ହୋଇଗଲା। ଏଭଳି ଏକ ଅପ୍ରତ୍ୟାଶିତ ଘଟଣାର ଜନ୍ମଦାତା ନିଜର ଦାୟିତ୍ୱହୀନତାକୁ ସ୍ୱୀକାର ନ କଲେ ସଂଶୋଧନ ଓ ସୁଧାର ପ୍ରକ୍ରିୟା ନେଇ ଉଚିତ ଶିକ୍ଷାଲାଭ କରିପାରିବନି। କିଛି ଘଟଣା ତା'ବାଟରେ ଘଟିଯାଏ। ଆମକୁ ଆଗାମୀ ଦିନରେ ତାହାର ଯେଭଳି ପୁନରାବୃତ୍ତି ନ ଘଟେ, ସେଥିପାଇଁ ସତର୍କ ହେବାକୁ ପଡ଼ିବ। ଏଠାରେ ମନେ ରଖିବାକୁ ହେବ ଯେ ଦେଶର ବିଭିନ୍ନ ସ୍ଥାନରୁ ଶତାଧିକ ସ୍ୱତନ୍ତ୍ର ଟ୍ରେନ ପ୍ରୟାଗରାଜ ଅଭିମୁଖେ ଏବେ ମଧ୍ୟ ଯାତ୍ରା କରୁଛି। ନୂଆଦିଲ୍ଲୀ ଘଟଣାରୁ ରେଳମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷ ନିଶ୍ଚୟ ଉଚିତ ଶିକ୍ଷାଲାଭ କରିଥିବେ। ମହାକୁମ୍ଭ ମେଳା ଶେଷ ହୋଇନି। ଏହା ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ। ଏହି ଶେଷଦିନରେ ପବିତ୍ର ମହାଶିବରାତ୍ରି ପଡୁଥିବାରୁ ପ୍ରୟାଗରାଜରେ ଭକ୍ତଜନତାଙ୍କ ଅସମ୍ଭବ ଭିଡ଼ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଆଶା କରିବା, ଯାହା ଘଟିଗଲାଣି ଏଥିମଧ୍ୟରେ ତାହାକୁ କିଏ ସ୍ୱୀକାର କରୁ ବା ନକରୁ, ଅନ୍ତତଃ ତାହାର ପୁନରାବୃତ୍ତି ନ ହେଉ।



# ଆମେ ଓଡ଼ିଆ ଭାରି ବଢ଼ିଆ

## ଭୋଳାନାଥ ସାହୁ

ଭାଷା ଜାତିର ଗର୍ବ ଓ ଗୌରବ। ଭାଷାକୁ ନେଇ ଜାତି ଗଠନ ଓ ଜାତିର ବିକାଶ। ବିଶ୍ୱର ଯେକୌଣସି ଭାଷା ପ୍ରସଙ୍ଗ ଉଠିଲେ ତାକୁ ନେଇ ସେ ଜାତି କିପରି ମହିମା ମଣ୍ଡିତ ତାହା ସ୍ପଷ୍ଟ ହୋଇ ଉଠିଥାଏ। ମାତୃଭାଷା ଦିବସ ଏହି ଗୁରୁତ୍ୱ ବହନ କରେ। ଆଜି ଫେବୃୟାରୀ ୨୧ ତାରିଖ। ସମଗ୍ର ବିଶ୍ୱରେ ଆଜି ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଉଛି। ମାତୃଭାଷା ଦିବସ ପାଳନ ସମ୍ପର୍କରେ ଆମେ ଜାଣିବା ପୂର୍ବରୁ ପ୍ରତ୍ୟେକ ଭାଷା ଓ ମାତୃଭାଷା କଣ ଜାଣିବା ଆବଶ୍ୟକ।

ମୁଖନିସୃତ ପଦ୍ଧତିଗତ ଧ୍ୱନି ସଂକେତହିଁ ଭାଷା। ଭାଷାହିଁ ଗୋଟିଏ ବ୍ୟକ୍ତି ବା ଜାତିକୁ ଛିଡ଼ା ହେବାର ଶକ୍ତି ଯୋଗାଏ। ଅନ୍ଧାରରୁ ଆଲୋକକୁ ବାଟ କଢ଼ାଇନିଏ। ଯାହାର ଭାଷା ଉପରେ ଯେତିକି ଦଖଲ, ତାର ସାହିତ୍ୟ ଓ ସଂସ୍କୃତି ସେତିକି ଉନ୍ନତ। ସେ ହୁଏ ପ୍ରକୃତ ଜ୍ଞାନୀ। କୁହାଯାଏ – 'ସ୍ୱଦେଶେ ପୂଜ୍ୟତେ ରାଜା, ବିଦ୍ୱାନ ସର୍ବତ୍ର ପୂଜ୍ୟତେ।' ଅର୍ଥାତ ଜଣେ ରାଜା ନିଜ ଦେଶରେ ପୂଜା ପାଏ। କିନ୍ତୁ ବିଦ୍ୱାନ ସର୍ବତ୍ର ପୂଜା ପାଏ। ଯେଉଁ ଭାଷାକୁ ଆମେ ଶୁଣି ବୁଝିଥାଉ ଓ ସୁଖ ଦୁଃଖକୁ ସହଜରେ ପ୍ରକାଶ କରୁ ତାହାକୁ 'ମାତୃଭାଷା' କୁହାଯାଏ। ଅର୍ଥାତ ଯେଉଁ ଭାଷା ଆମ ଭାବ ପ୍ରକାଶରେ ସହାୟ ତାହାକୁ ମାତୃଭାଷା କହନ୍ତି। ଆମେ ପ୍ରତ୍ୟେକ 'ମାତୃଭୂମି ଓ ମାତୃଭାଷା' କହୁ। କିନ୍ତୁ କେହି କେବେ 'ପିତୃଭୂମି' କିମ୍ବା 'ପିତୃଭାଷା' କହନ୍ତି ନାହିଁ। କାରଣ ବେଦମତରେ ଆମ ସମସ୍ତଙ୍କର ପଂଚମାତା ଅଛନ୍ତି। ସେମାନେ ହେଲେ - ନିଜ ମାତା, ପିତା ମାତା, ଭୂ-ମାତା, ଦେଶମାତା, ବେଦମାତା। ପ୍ରତ୍ୟେକ ଆମର ପୂଜ୍ୟା, ବରେଣ୍ୟା ଓ ବନ୍ଦନୀୟା। ସେହି ନ୍ୟାୟରେ ଆମର ମାତୃଭୂମି 'ଓଡ଼ିଶା' ଓ ମାତୃଭାଷା 'ଓଡ଼ିଆ'। ମାତୃଭାଷା ଓଡ଼ିଆ ଭାରି ବଢ଼ିଆ। ଓଡ଼ିଆ ଭାଷା ଉପରେ ବହୁ ଘାତ ପ୍ରତିଘାତ ଆସିଛି। ବଙ୍ଗୀୟ ମାନେ 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏଁ' ବୋଲି କହିଥିଲେ। ଏ ରାଜ୍ୟର ଯୁଗଜନ୍ମା ଯଥା- ଗଙ୍ଗାଧର ମେହେର, ଫକୀର ମୋହନ ସେନାପତି, ମଧୁସୂଦନ ରାଓ, ରାଧାନାଥ ରାୟ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ପ୍ରଭୃତିଙ୍କ ନେତୃତ୍ୱରେ ଓଡ଼ିଆ ଭାଷା ତାର ସ୍ଥିତି ପ୍ରତିଷ୍ଠା କରିବା ସହିତ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ମାନ୍ୟତା ଲାଭ କଲା।

ମାତୃଭାଷାକୁ ସୁରକ୍ଷା ଦେବା ପାଇଁ ସର୍ବପ୍ରଥମେ ୧୯୪୮ ମସିହା ମାର୍ଚ୍ଚ ମାସ ୧୧ ତାରିଖରେ ଭାଷା ଆନ୍ଦୋଳନର ଆରମ୍ଭ ହୋଇଥିଲା। କାରଣ ସେତେବେଳେ ବଙ୍ଗଳ ଭାଷାକୁ ରାଜ୍ୟଭାଷାର ମାନ୍ୟତା ନଦେଇ ଇଂରାଜୀ ଭାଷାକୁ ବେଶି ଗୁରୁତ୍ୱ ଦିଆଯାଉଥିଲା। ଫଳରେ ବହୁ ଜନଅସନ୍ତୋଷ ଦେଖାଦେଇଥିଲା। ଏହି ଅସନ୍ତୋଷହିଁ ଭାଷା ଆନ୍ଦୋଳନର ଭିତିଭୂମି ପ୍ରତିଷ୍ଠା କରିଥିଲା। ଏହି ଭାଷା ଆନ୍ଦୋଳନର ମୁଖ୍ୟ ସୂତ୍ରଧର ଥିଲେ ଢ଼ାକା ବିଶ୍ୱବିଦ୍ୟାଳୟର ଛାତ୍ର ବରଖତ। ଏହି ଆନ୍ଦୋଳନକୁ ଇଂରେଜ ମାନଙ୍କ ଦ୍ୱାରା ୧୯୫୨ ମସିହା ଫେବୃୟାରୀ ୧୧ ତାରିଖରେ ନିର୍ମମ ଭାବେ ଦମନ କରାଯାଇଥିଲା। ଯେଉଁଥିରେ ବରଖତଙ୍କ ସମେତ ଢ଼ାକା ବିଶ୍ୱବିଦ୍ୟାଳୟର ବହୁ ଶିକ୍ଷାର୍ଥୀ ପ୍ରାଣବଳୀ ଦେଇଥିଲେ। ଏହି ସ୍ମୃତିକୁ ଉଜ୍ଜ୍ୱଳ ରଖିବା ପାଇଁ ଏବଂ ମାତୃଭାଷାକୁ ସୁରକ୍ଷା ଦେବା ପାଇଁ ୟୁନେସ୍କୋ ୧୯୯୯ ମସିହା ଫେବୃୟାରୀ ୨୧ ତାରିଖକୁ ମାତୃଭାଷା ଦିବସ ଭାବରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ୨୦୦୦ ମସିହା ଠାରୁ ଉକ୍ତ ଦିବସକୁ ଫେବୃୟାରୀ ୨୧ ତାରିଖରେ ମାତୃଭାଷା ଦିବସ ଭାବରେ ପାଳନ କରାଯାଇ ଆସୁଅଛି। ଆମେ ଆଜି ନିର୍ଦ୍ୱନ୍ଦ୍ୱରେ କହିପାରିବା – "ଆମେ ଓଡ଼ିଆ ଭାରି ବଢ଼ିଆ।" ଏହା ଆମର ବହୁ ସଂଗ୍ରାମର ଏକ ମଧୁର ଫଳ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭାଷାରେ –

ଉଚ୍ଚ ହେବା ପାଇଁ କର ଯେବେ ଆଶା  
ଉଚ୍ଚ କର ଆଗେ ନିଜ ମାତୃଭାଷା ॥

କାରଣ ମାତୃଭୂମି ଏବଂ ମାତୃଭାଷା ଆମର ମାତା ସଦୃଶ। ଆମେ ଆମ ମାତୃଭୂମିକୁ ଯେତିକି ସ୍ନେହ, ଆଦର, ଭଲପାଇବା ଦେଇଥାଉ ସେତିକି ମଧ ମାତୃଭାଷାକୁ ଦେବା ଉଚିତ। ମାତୃଭାଷା ବ୍ୟକ୍ତି ମଧ୍ୟରେ ସ୍ୱାଭିମାନ ସୃଷ୍ଟି କରି ବ୍ୟକ୍ତିକୁ ସଫଳତାର ଶୀର୍ଷରେ ପହଁଚାଇଥାଏ। ମାତୃଭାଷା ଓ ମାତୃଭୂମିକୁ ଭଲପାଉଥିବା ପ୍ରତ୍ୟେକ ମଣିଷ ପାଇଁ ଏହା ଗର୍ବ ଓ ସ୍ୱାଭିମାନର ବିଷୟ। ଗଙ୍ଗାଧର ମେହେରଙ୍କ ଭାଷାରେ -

"ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ  
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ।"

ଆଜି ମୁଁ ଦୁଃଖର ସହିତ କହିବାକୁ ଚାହୁଁଛି ଯେ ଏବେ ମଧ ଆମ ଛାତ୍ର ଛାତ୍ରୀ ମାନେ ମାଧମିକ, ଉଚ୍ଚମାଧମିକ ଓ ଅନ୍ୟାନ୍ୟ ପରୀକ୍ଷାରେ ମାତୃଭାଷା ବିଷୟରେ ଫେଲ ହେଉଛନ୍ତି। ଓଡ଼ିଆ ଭାଷାଭାଷି ଲୋକ ମଧ ଇଂରାଜୀରେ ନିମନ୍ତ୍ରଣ ପତ୍ର ଛାପୁଛନ୍ତି ଓ କଥାରେ କଥାରେ ଇଂରାଜୀ ଲଗାଇ କଥା କହୁଛନ୍ତି। ବେଙ୍ଗଲ ଲୋକଟିଏ ସହିତ ଦେଖାହେଲେ ବେଙ୍ଗଲି ଭାଷାରେ କଥା କହିବା ଆରମ୍ଭ କରିଦିଅନ୍ତି। ସେ ଜାଣିବା ଏବଂ ବୁଝିବା ଉଚିତ ବେଙ୍ଗଲି ଲୋକଟି ତୁମ ରାଜ୍ୟକୁ ଆସି ମଧ ତୁମ ଭାଷା କହୁନାହିଁ ଅଥଚ ତମେ ତାଙ୍କ ଭାଷା ଉପରେ ପଡ଼ି କହୁଛ। ସେମାନଙ୍କୁ ଆଜିର ଏହି ପବିତ୍ର ଦିବସରେ ବିନମ୍ର ନିବେଦନ ସେମାନେ ନିଜ ମାତୃଭାଷାର ଟେକ ରଖନ୍ତି। ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ଦେଲେ ଆମେ ସମ୍ମାନ ପାଇବା। ଅନ୍ୟଥା ଆମେ ଅସମ୍ମାନିତ ହେବା। ସରକାର ମଧ ଓଡ଼ିଆ ଭାଷାକୁ କାର୍ଯ୍ୟାଳୟ ଭାଷା ଭାବରେ ପ୍ରଚଳନ କରିବା ପାଇଁ ବାଧତାମୂଳକ ନୀତି ପ୍ରଚଳନ କରିବା ଉଚିତ। ସମସ୍ତ ଅଫିସର ସାଇନବୋର୍ଡ଼, ଦୋକାନ ବଜାରର ସାଇନବୋର୍ଡ଼ ପ୍ରଭୃତିକୁ ଓଡ଼ିଆ ଭାଷାରେ ଲେଖିବା ପାଇଁ ନିର୍ଦ୍ଦେଶନାମା ଜାରୀ କରିବା ଉଚିତ। ଆଜିର ଏହି ପବିତ୍ର ଦିବସରେ ଯେଉଁ ଭାଷାନୁରାଗୀ, କବି, ଲେଖକ, ପାଠକ ମାତୃଭାଷାର ବନ୍ଦନା ଗାନ କରୁଛନ୍ତି ସେମାନଙ୍କ ସହିତ ଆମେ ନିଜକୁ ସାମିଲ କରିବା ଓ ମାତୃଭାଷା ପ୍ରତି ଅନୁରାଗ ବୃଦ୍ଧି କରିବା। ଓଡ଼ିଆ ଭାଷାର ଅସ୍ମିତା ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଦାରୁବ୍ରହ୍ମ ମୁରାରୀ, କୋଟି କୈବଲ୍ୟନାଥ, କୋଟି କୋଟି ଓଡ଼ିଆଙ୍କ ପ୍ରାଣଧନ, ଜଗତରନାଥ ଶ୍ରୀଜଗନ୍ନାଥ ଏ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ଆଦ୍ୟପୁରୋଧା। ତାଙ୍କବିନା ଏ ଜାତିର ଗତି ଓ ପ୍ରଗତି ଅସମ୍ଭବ ମନେହୁଏ। ତାଙ୍କର କୋଟି ଆଶୀର୍ବାଦ ନେଇ ଏଭାଷା ଓ ଜାତି ଏମିତି ଆଗକୁ ବଢୁଥାଉ। ସବୁରି ମୁଖରେ ଶୋଭା ପାଉଥାଉ – 'ଆମେ ଓଡ଼ିଆ ଭାରି ବଢ଼ିଆ'।


ପ୍ରାକ୍ତନ ପ୍ରାଧ୍ୟାପକ ଓ  
ମୁଖ୍ୟ ଶିକ୍ଷା ବିଭାଗ  
ଉଦଳା ମହାବିଦ୍ୟାଳୟ, ଉଦଳା,  
ମୟୂରଭଂଜ  
ମୋ: ୯୯୩୭୧୫୧୩୧୦




# ରଣଛାଡ଼: ବ୍ୟାଙ୍କର କ୍ଷତି ପରିବର୍ତ୍ତେ ଲାଭ ହୁଏ

## ଗୋପାଳ ମହାପାତ୍ର

ଦେଶରେ ଅନେକ ସମୟରେ ବ୍ୟାଙ୍କ ଋଣ ଛାଡ଼କୁ ନେଇ ବ୍ୟାପକ ଆଲୋଚନା ସମାଲୋଚନା ହୁଏ। ଏ ପ୍ରସଙ୍ଗରେ ଅଧିକ ତର୍ଜମାର ମଧ ଆବଶ୍ୟକତା ରହିଛି। ବ୍ୟାଙ୍କ ସେହି ସବୁ ଋଣ ଆକାଉଣ୍ଟ(ଖାତା)କୁ ଛାଡ଼୍ କରିଥାଏ ଯାହା ଅଧିକ ପୁରୁଣା ଏବଂ ଏହି ଋଣ ଆଦାୟର କୌଣସି ସମ୍ଭାବନା ନଥାଏ। ଏସବୁ ବାବଦରେ ବ୍ୟାଙ୍କ ନିଜ ଆକାଉଣ୍ଟରେ ପୂର୍ବରୁ ୧୦୦ ପ୍ରତିଶତ କ୍ଷତିଦର୍ଶାଇ ସାରିଥାଏ। ପ୍ରତ୍ୟେକ ବ୍ୟବସାୟରେ ମଧ ବ୍ୟବସାୟୀ ତାଙ୍କ ବାଲାନ୍ସ ସିଟରେ ଏଭଳି କ୍ଷତି କଥା ଦର୍ଶାଇଥାନ୍ତି। ଏହାକୁ ବ୍ୟବସାୟ ଏକ ସାଧାରଣ ଘଟଣା ଭାବେ ଧରାଯାଇଥାଏ। ବ୍ୟାଙ୍କ ମଧ ଏଥିରୁ ଭିନ୍ନ ନୁହଁନ୍ତି। କାରଣ ବ୍ୟାଙ୍କ ମାନେ ମଧ ଋଣ ଦେଇ ସମୂଳ ସୁଧ ଆଦାୟ କରିବାର ବ୍ୟବସାୟ କରନ୍ତି। ବ୍ୟାଙ୍କ ମାନଙ୍କ ଦ୍ୱାରା ଋଣଛାଡ ପ୍ରସଙ୍ଗକୁ ନେଇ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ମାନଙ୍କ ମଧରେ ଲଗାତର ଚର୍ଚ୍ଚା ହୋଇଥାଏ। ନିର୍ବାଚନ ସମୟରେ ଏହାକୁ ନେଇ ଶାସକ ଓ ବିରୋଧି ପରସ୍ପରକୁ ସମାଲୋଚନା କରିଥାନ୍ତି। ଏହି ବିମର୍ଷକୁ ଏମିତି ଭାବେ ବିଶ୍ଳେଷିତ କରାଯାଏ ଯାହା ଫଳରେ ସାଧାରଣ ଲୋକେ ଭାବନ୍ତି ସରକାର ବ୍ୟାପକ ଋଣ ଛାଡ଼ କରି ଦେଇଛନ୍ତି ଯାହା ଫଳରେ ବ୍ୟାଙ୍କ ମାନଙ୍କର କ୍ଷତି ହେଉଛି। କିନ୍ତୁ ଏହା ପ୍ରକୃତପକ୍ଷେ ଏହା ବାସ୍ତବିକତା ନୁହେଁ। ସଂସଦରେ ଦିଆଯାଇଥିବା ତଥ୍ୟ ଅନୁସାରେ ବିଗତ ଆର୍ଥୀକ ବର୍ଷରେ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୁଦାୟ ୧୧୪୭୧୨ କୋଟି ଟଙ୍କାର ଋଣ ଛାଡ୍ କରିଛନ୍ତି। ଏଥି ମଧ୍ୟରୁ ପଞ୍ଜାବ ନ୍ୟାସନାଲବ୍ୟାଙ୍କ ୧୮୩୧୭ କୋଟି, ୟୁନିୟନ ବ୍ୟାଙ୍କ ୧୮୨୬୪ କୋଟି, ଷ୍ଟେଟବ୍ୟାଙ୍କ ୧୬୧୬୧ କୋଟି, ବ୍ୟାଙ୍କ ଅଫ ବରୋଦା ୧୦୫୧୮ କୋଟି, କାନାରା ବ୍ୟାଙ୍କ ୧୧୮୨୭କୋଟି, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ୧୦୦୦୧ କୋଟି, ବ୍ୟାଙ୍କ ଅଫ ଇଣ୍ଡିଆ ୯୯୮୭ କୋଟି, ଇଣ୍ଡିଆନ ବ୍ୟାଙ୍କ ୮୭୩୪କୋଟି, ଇଣ୍ଡିଆନ୍ ଓଭରସିନ ବ୍ୟାଙ୍କ ୭୧୮୯ କୋଟି, ବ୍ୟାଙ୍କ ଅଫ ମହାରାଷ୍ଟ୍ର ୯୯୦କୋଟି, ପଞ୍ଜାବ ଆଣ୍ଡ ସିନ୍ଧି ବ୍ୟାଙ୍କ ୭୯୬ କୋଟି ଏବଂ ୟୁକୋ ବ୍ୟାଙ୍କ ୧୯୩୮ କୋଟି ଟଙ୍କା ଛାଡ୍ କରିଥିଲେ।

ବ୍ୟାଙ୍କର ଋଣ ଛାଡ୍ କାରଣରୁ ପଡୁଥିବା ପ୍ରଭାବକୁ ବୁଝିବାକୁ ହେଲେ ସର୍ବ ପ୍ରଥମେ ଏକଥା ଜାଣିବା ଦରକାର ଯେ ବ୍ୟାଙ୍କମାନେ କାହିଁକି ଋଣ ଛାଡ କରନ୍ତି ଓ ଏହାଦ୍ୱାରା ବ୍ୟାଙ୍କମାନଙ୍କର କ'ଣ ଲାଭ ହୁଏ? ଏଥିପାଇଁ ନନ ପରଫର୍ମିଙ୍ଗ ଆସେଟ(ଏନ୍ପିଏ) ବାବଦରେ ଜାଣିବା ଆବଶ୍ୟକ। ଏହା ହେଉଛି ଯଦି ଋଣଗ୍ରହୀତା ଯଦି ଋଣ ବାବଦ କିସ୍ତି ୩ମାସ ପର୍ଯ୍ୟନ୍ତ ଜମା ନକଲେ ତେବେ ବ୍ୟାଙ୍କ ଏହାକୁ ଏନ୍ପିଏ ଘୋଷିତ କରିଦିଏ। ଏହା ପରେ ଏହି ଋଣ ବାବଦ ସୁଧ ଅଲଗା ଖାତା (ଆକାଉଣ୍ଟ)ରେ ଲେଖାଯାଇଥାଏ ବା ପୋଷ୍ଟିଂ କରାଯାଇଥାଏ। ବ୍ୟାଙ୍କ ଏହି ସୁଧ ରାଶିକୁ ନିଜର ଆୟ ଭାବେ ଦର୍ଶାଇ ପାରେ ନାହିଁ। ଧିରେ ଧିରେ ଏହିଋଣକୁ ବ୍ୟାଙ୍କ ପୁରାପୁରି ତାଙ୍କ ଆୟରୁ କାଟି ଦେଇଥାନ୍ତି କିନ୍ତୁ ସୁରକ୍ଷିତ ଅର୍ଥାତ୍ ଯେଉଁ ଋଣ ପାଇଁ ବ୍ୟାଙ୍କ ନିକଟରେ ସମ୍ପତ୍ତି, ଫିକ୍ସିଡ଼୍ ଡିପୋଜିଟ, ଜୀବନବୀମ ପଲିସି ଆଦି ଥାଏ ସେସବୁ ଋଣ ଉପରେ କମ୍ ପ୍ରାବଧାନ କରାଯାଇଥାଏ। ଯଦି କୌଣସି ଋଣକୁ ଜାଲ ବୋଲି ଘୋଷିତ କରିଦିଆଯାଏ ବ୍ୟାଙ୍କ ତାକୁ ନିଜ ଆରମ୍ଭରୁ ପ୍ରଥମ ବର୍ଷରେ ହିଁ ପୁରା କାଟି ଦେଇଥାଏ। ଉଦାହରଣ ଭାବେ କୌଣସି ସୁରକ୍ଷିତ ଋଣ ଏକ କୋଟି ଟଙ୍କାର ଥିଲା ଏବଂ ଏହାକୁ ଏନ୍ପିଏ ଘୋଷିତ କରାଗଲା ତେବେ ଋଣ ଉପରୁ ପ୍ରଥମ ବର୍ଷବ୍ୟାଙ୍କ ୧୫ ପ୍ରତିଶତ କାଟି ଦେଇଥାନ୍ତି, ଅର୍ଥାତ୍ ବ୍ୟାଙ୍କ ତାର ସକଳ ଆୟରୁ ଏକ କୋଟି ଋଣର ୧୫ ପ୍ରତିଶତ ୧୫ ଲକ୍ଷ ଟଙ୍କା କମ ଦର୍ଶାଇଥାଏ ଓ ତା ପର ବର୍ଷ ୨୫ ପ୍ରତିଶତ କମ୍ ଦର୍ଶାଇଥାଏ। ଏହି ପରି ପ୍ରତିବର୍ଷ ବ୍ୟାଙ୍କ ନିଜ ଆୟରୁ ସେହି ଋଣକୁ କମାଇ ଚାଲନ୍ତି ଋଣ ବାବଦ ଅର୍ଥ ସମାପ୍ତ ହେବା ପର୍ଯ୍ୟନ୍ତ। ଯଦି ଋଣକୁ ବ୍ୟାଙ୍କ ଜାଲ/ଫ୍ରଡ଼୍ ଘୋଷିତ କରେ ତେବେ ପ୍ରଥମ ବର୍ଷରେ ପୁରା ଋଣ ନିଜର ଆୟରୁ କାଟି ଦେଇଥାଏ କିନ୍ତୁ ଋଣ ଯେତେବେଳେ ରିକଭରି ହୁଏ ବା ଏନ୍ପିଏ ଘୋଷିତ ଋଣ ବାବଦକୁ ଋଣଗ୍ରହୀତା କିସ୍ତି ବାବଦ ଅର୍ଥ ପୈଠ କରନ୍ତି ସେତେବେଳେ ବ୍ୟାଙ୍କ ଏହାକୁ ତାର ଆୟ ଦର୍ଶାଇଥାଏ ଓ ବ୍ୟାଙ୍କର ଲାଭ ହୋଇଥାଏ।

ପ୍ରତ୍ୟେକ ବ୍ୟାଙ୍କକୁ ସମସ୍ତ ଋଣର କିଛି ପ୍ରତିଶତ ରିଜର୍ଭବ୍ୟାଙ୍କ ପାଖରେ ସିକ୍ୟୁରିଟି ଭାବରେ ରଖିବାକୁ ପଡିଥାଏ। ଏଥିରେ ବ୍ୟାଙ୍କମାନଙ୍କୁ ଏହି ସୁକ୍ୟୁରିଟି ଭାବରେ ରଖିବାକୁ ପଡିଥାଏ। ଏଥିରେ ବ୍ୟାଙ୍କ ମାନଙ୍କୁ ଏହି ସୁକ୍ୟୁରିଟି ବାବଦ ଅର୍ଥ ପାଇଁ କମ୍ ସୁଧ/ଲାଭ ମିଳିଥାଏ। ଏହି ପ୍ରାବଧାନ ବ୍ୟାଙ୍କ ମାନଙ୍କ ମାନଙ୍କ ଋଣ ଦେବାରେ ଲଗାମ ଲଗାଇଥାଏ ଏବଂ ଋଣ ନିୟନ୍ତ୍ରିତ ହେବା କାରଣରୁ ବ୍ୟାଙ୍କମାନଙ୍କର କ୍ଷତି ହୋଇଥାଏ। ଏଥିପାଇଁ ବ୍ୟାଙ୍କ ମାନେ ୧୫-୨୦ ବର୍ଷର ଋଣ ଯାହା ଏନ୍ପିଏ ଘୋଷିତ ହୋଇଥାଏ ଓ ଯାହାର ରିକଭରି ସମ୍ଭବ ନଥାଏ ତାକୁ ରିଜର୍ଭବ୍ୟାଙ୍କଙ୍କୁ ଦର୍ଶାଇଥାନ୍ତି। ଏଭଳି କରି ବ୍ୟାଙ୍କମାନେ ସେମାନଙ୍କ ବାଲାନ୍ସସିଟକୁ ସଫା(ଠିକ୍) କରିବା ସହ ରିଜର୍ଭବ୍ୟାଙ୍କର ସୁକ୍ୟୁରିଟି ପ୍ରାବଧାନକୁ ଏଡାଇବା ପାଇଁ ଋଣ ଛାଡ଼ କରିଥାନ୍ତି। ଏହାଦ୍ୱାରା ବ୍ୟାଙ୍କର ଲାଭ ହୋଇଥାଏ କାରଣ ବ୍ୟାଙ୍କ ଅଧିକ ଋଣ ଦେଇ ଅଧିକ ଲାଭ କମାଇଥାନ୍ତି। ଯେଉଁ ଋଣ ଖାତାକୁ ଏନପିଏ ତାଲିକାଭୁକ୍ତ କରାଯାଇଥାଏ ସେସବୁ ଋଣଛାଡ଼ କରି ବ୍ୟାଙ୍କର କିଛି କ୍ଷତି ହୋଇନଥାଏ ବରଂ ଲାଭ ହୋଇଥାଏ। ଏଘଟଣାକୁ ଏଭଳି ଭାବେ ବୁଝାଯାଇପାରେ ଯେ-କୌଣସି ବ୍ୟବସାୟୀ କୌଣସି ଏକ ଫାର୍ମ (ସଂସ୍ଥା)କୁ ଏକ କୋଟି ଟଙ୍କାର ମାଲ(ଜିନିଷ) ଉଧାର ଦେଇଥିଲେ ଏବଂ ବିଗତ ୧୫-୨୦ ବର୍ଷ ମଧରେ ତାର ଟଙ୍କା ଆଦାୟହୋଇ ପାରି ନାହିଁ, ଯେଉଁ ଫାର୍ମକୁ ମାଲ ଦେଇଥିଲା ସେଇ ଫାର୍ମ ତାର ବ୍ୟବସାୟ ବନ୍ଦ କରିଦେଇଛି, ଏଭଳି ଅବସ୍ଥାରେ ଯେଉଁ ବ୍ୟବସାୟୀ ମାଲ ଉଧାରରେ ଦେଇଥିଲା ସିଏ କରିବ କ'ଣ? ଉଧାର ଦେଇଥିବା ବ୍ୟବସାୟୀ ଉଧାରରେ ଦେଇଥିବା ମାଲର ଅର୍ଥକୁ କ୍ଷତି ବୋଲି ଦର୍ଶାଇବ ନିଶ୍ଚୟ। ଏଇ କଥା ହିଁ ବ୍ୟାଙ୍କରେ ହେଉଛି। ସବୁ ବ୍ୟବସାୟରେ ଏଭଳି ହୋଇଥାଏ। ଋଣ ଛାଡ୍ ବ୍ୟାଙ୍କର ମଜବୁରୀ ଏବଂ ଏଥିପାଇଁ ବ୍ୟାଙ୍କକୁ ପ୍ରାବଧାନ କରିବାକୁ ପଡିଥାଏ।

ଏକଥା ଠିକ୍ ଯେ ବ୍ୟାଙ୍କମାନେ କେବେ ବି ଦୁଇ ଚାରି ବର୍ଷର ଋଣକୁ ଛାଡ୍ କରିନଥାନ୍ତି। ୧୦-୧୫ବର୍ଷରୁ ଅଧିକ ପୁରୁଣା ଋଣ(ଅନାଦେୟ)କୁ ଛାଡ଼୍ କରିଥାନ୍ତି। କିନ୍ତୁ ରାଜ୍ୟ ବା କେନ୍ଦ୍ର ସରକାରଙ୍କ କଥା ଅନୁସାରେ କୌଣସି ନୈସର୍ଗିକ ଆପଦ ଓ ଅନ୍ୟ କାରଣରୁ ମଧ ଋଣ ଛାଡ୍ କରାଯାଇଥାଏ। ଏକଥା ମଧ ସତ୍ୟ ଯେ ଋଣ ପରିଶୋଧ କରୁନଥିବା ଲୋକ/ଋଣୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଋଣ ପରିଶୋଧ କରୁନଥିବା ବ୍ୟକ୍ତି/ ସଂସ୍ଥା ମଧରେ ମ୍ୟାନୁଫ୍ୟାକ୍ଚରିଙ୍ଗ, ଏନର୍ଜୀ ଏବଂ କନଷ୍ଟ୍ରକସନ ସେକ୍ଟର ସବୁଠୁ ଆଗରେ। ଏକ ରିପୋର୍ଟ ଅନୁସାରେ ୧୦୦ଜଣ ଋଣ ପରିଶୋଧ କରୁନଥିବା ବା ଡିଫଲଟରଙ୍କ ପାଖରେ ବ୍ୟାଙ୍କ ମାନଙ୍କର ସମୁଦାୟ ଏନ୍ପିଏର ୪୩ ପ୍ରତିଶତ ଅଂଶ ରହିଛି। ଅର୍ଥ ହେଉଛି ବ୍ୟାଙ୍କ ମାନଙ୍କର ସମୁଦାୟ ଏନ୍ପିଏର ୪୩ ପ୍ରତିଶତ ୧୦୦ କମ୍ପାନୀ ପାଖରେ। ୨୦୧୯ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶର ସମସ୍ତ ବ୍ୟାଙ୍କ ମାନଙ୍କର ଏନ୍ପିଏ ଥିଲା ୯.୩୩ଲକ୍ଷ କୋଟି ଟଙ୍କା। ଏକଥା ମଧ ସେତେବେଳେ ସାମନାକୁ ଆସିଥିଲା ଯେ ୧୦୦ ବ୍ୟାଙ୍କ ଡିଫଲଟରଙ୍କ ଉପରେ ୨୦୧୯ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୮.୪୪ଲକ୍ଷ କୋଟିର ଋଣ ଥିଲା ଏବଂ ଏହି ଋଣ ମଧରୁ ଅର୍ଦ୍ଧାଧିକ ଋଣକୁ ଏନପିଏ ଘୋଷିତ କରାଯାଇଥିଲା। ଏହି ୧୦୦ ବ୍ୟାଙ୍କ ଡିଫଲଟର ମାନଙ୍କ ମଧରେ ଅନେକ ପ୍ରମୁଖ ଉଦ୍ୟୋଗପତି ଏବଂ ବଡ଼ କମ୍ପାନୀ ସାମିଲଥିଲେ। ଋଣଛାଡର ଏଭଳି ତଥ୍ୟକୁ ରାଜନୈତିକ ଦଳମାନେ ଶାସକ ଦଳକୁ ଟାର୍ଗେଟ କରିବାର ଏକ ଅସ୍ତ୍ରଭାବେ ବ୍ୟବହାର କରିଥାନ୍ତି ଓ ଅଭିଯୋଗ କରାଯାଇଥାଏ ଯେ ଶାସକଦଳର ଇଶାରାରେ ବଡ ବଡ ଶିଳ୍ପପତିଙ୍କ ଋଣ ଛାଡ କରାଯାଇଛି। କିନ୍ତୁ ଏହି ଋଣଛାଡ୍ ପାଇଁ ବ୍ୟାଙ୍କିଙ୍ଗ ପ୍ରଣାଳିର ଅନିର୍ବାର୍ଯ୍ୟତା ସହ ପ୍ରକ୍ରିୟାଗତ ବ୍ୟବସ୍ଥାହିଁ ଦାୟୀ। ବ୍ୟାଙ୍କିଙ୍ଗ୍ ପ୍ରଣାଳୀ ଓ ପ୍ରକ୍ରିୟାଗତ ବ୍ୟବସ୍ଥାର ଫାଇଦା ଉଠାଇ ସର୍ବୋପରି ବ୍ୟାଙ୍କ ଅଧିକାରୀ ମାନଙ୍କ ସହ ସଲାସୁତୁରାରେ ଏଭଳି ଚାଲିଛି ଯାହାକୁ ରୋକାଯିବା ମଧ ଅସମ୍ଭବ ହୋଇ ପଡିଛି।


+ ରାମଚନ୍ଦ୍ରପୁର, ରଣପୁର,  
ମୋ ୯୪୩୮୪୮୫୦୯୪





## ପ୍ରେମର ପରିସୀମା

### ସନ୍ତୋଷ କୁମାର ଅଦାବର


ସରୁ ନ ଥିବା କଥା ହିଁ ପ୍ରେମ  
ମରୁ ନ ଥିବା ବ୍ୟଥା ହିଁ ପ୍ରେମ  
ସପନ ଥିବା ନିଦ ହିଁ ପ୍ରେମ  
ଜୀବନ ଥିବା ଭାଷା ହିଁ ପ୍ରେମ  
ସର୍ତ୍ତ ନ ଥିବା ଆନ୍ତରିକତା ହିଁ ପ୍ରେମ  
ସନ୍ଦେହ ନ ଥିବା ସମ୍ପର୍କ ହିଁ ପ୍ରେମ  
ସ୍ୱାର୍ଥ ନ ଥିବା ବନ୍ଧୁତା ହିଁ ପ୍ରେମ  
ଇତିହାସର ସାକ୍ଷୀ ହିଁ ପ୍ରେମ  
ଭବିଷ୍ୟତର ଭୁଗୋଳ ହିଁ ପ୍ରେମ  
କେବେ ପ୍ରେମ ନେଇଯାଏ ମରୁଭୂମିକୁ  
ପୁଣି କେବେ ନେଇଯାଏ ମରୀଚିକାକୁ  
ପୁଣି କେବେ ଶୀତ ସକାଳର  
କୁହୁଡ଼ିକୁ  
ପ୍ରେମ ଆଣିଦିଏ ଫଗୁଣର ଅବିର  
ପ୍ରେମ ଆଣିଦିଏ ଶ୍ରାବଣର ଜଳଧାର  
ପ୍ରେମ ହିଁ ଜୀବନ, ପ୍ରେମ ସତ୍ୟ ଶିବ  
ସୁନ୍ଦର ।।

ଝଝଝଝଝଝଝଝଝଝଝଝଝଝଝଝଝ

+ ବୀରମହାରାଜପୁର, ସୁବର୍ଣ୍ଣପୁର

## ବାଜିଲାନି ସାହାନାଇ

### ନୀଳମଣି ଚାନ୍ଦ



ଫଗୁଣ ଆସିଲା ହେଲେ ବାଜିଲାନି  
ଆମପାଇଁ ସାହାନାଇ  
କେତେ ସ୍ୱପ୍ନ ଥିଲା ଆମରି ଘରକୁ  
ଆସିଥାନ୍ତ ବଧୂ ହୋଇ।

ପାଦରେ ଅଳତା ସୀମନ୍ତେ ସିନ୍ଦୂର  
ନାଇଲନି ହାତେ ଶଂଖା  
ଯାହା ହୋଇଥାନ୍ତା ସଳଖ ସୁନ୍ଦର  
ହୋଇଗଲା ସବୁ ବଙ୍କା  
ବେଦୀ ତ ନଥିଲା ବ୍ରାହ୍ମଣ ବସିକି  
ମନ୍ତ୍ର ଦେଲା ନାହିଁ ଗାଇ।

ଶୁଭିଲାନି ଶଂଖ ଆଉ ହୁଳହୁଳି  
ମଙ୍ଗୁଳାଟି ଯେ ତୁମର  
ରହିଗଲି ମୁହିଁ ଅଭିଆଡ଼ା ହୋଇ  
ଗଲିନାହିଁ ହୋଇ ବର  
ଭାବିଲି ତୁମକୁ ପାଇବାର ଯୋଗ  
ବୋଧେ ମୋ ଭାଗ୍ୟରେ ନାହିଁ।

ବୟସ ଗଡିଲା କୁମାରୀ ହୋଇକି  
କେତେ ଦିନ ଆଉ ଥିବ  
ସାଇପଡିଶାଙ୍କ ଟାହିଟାପରାରେ  
କେମିତି ସମୟ ଯିବ  
କଥା ମୋ ରହିଲା ଆର ଫଗୁଣକୁ  
ଶୁଭ ପରିଣୟ ପାଇଁ।

+ ମନ୍ତ୍ରମାନୋର, ଗୋଠପାଟଣା  
ଭୁବନେଶ୍ୱର  
ମୋ:୯୫୮୩୨୦୨୩୫୭

## ଇଚ୍ଛା ହୁଏ

### ସରୋଜ କୁମାର ଦାସ

ଇଚ୍ଛାହୁଏ ଭୁଲିଯିବା ପାଇଁ ସବୁ  
ସମ୍ପର୍କକୁ,  
ଯେଉଁଠି ସ୍ୱାର୍ଥ ଛଡା କ'ଣ ବା ଅଛି  
ଯେ ?  
ଯେଉଁଠି ବିବେକ ମୂଲ୍ୟହୀନ  
ବିଶ୍ୱାସ ଏକ କଳ୍ପନା  
ନିରାଶା ଏକମାତ୍ର ପରିଚୟ  
ଯେଉଁଠି ସ୍ନେହ, ପ୍ରେମ ଓ  
ଭଲପାଇବା  
ସବୁକିଛି ବାଟବଣା  
ଲୁହ ଓ କୋହ ଭିତରେ ପାଛୋଟି  
ନେବାକୁ ହୁଏ କଠୋର ସମୟକୁ ।

ଇଚ୍ଛା ହୁଏ ବଞ୍ଚିବାକୁ ଖୁବ୍ ଏକା ଏକା  
ନା ଥିବ ରାଗ, ରୁଷା,ଅଭିମାନ  
ନା ଥିବ କଳ୍ପନାର ମାୟା ଜାଲ



କେବଳ ମୋ ଭିତରେ ସୀମିତ ହେବ  
ସବୁ ସମ୍ପର୍କ,  
ନା ଥିବ ସହିବାକୁ ନା କହିବାକୁ,  
ଶୂନ୍ୟତା ଭିତରେ ଦେବା ନେବାର  
ଅଭିପ୍ରାୟ ଅପସରି ଯିବ ବହୁ ଦୂରକୁ ।

ଇଚ୍ଛା ହୁଏ ଚାଲି ଯିବାକୁ ଅନେକ ବାଟ  
ସମ୍ପର୍କର ପରିଧିକୁ ଡେଇଁ,  
ଯେଉଁଠି ନିଜର ଓ ପର ଭିତରେ  
ବିଭେଦର ବିସ୍ତୃତ ପ୍ରାଚୀର  
ଚାହୁଁ ଚାହୁଁ ହଟିଯିବ କୋମଳ ମନର  
ଖିଆଲି ଭାବନାରେ  
ହିଂସା, ଦ୍ୱେଷ, ଅହଂକାର ସବୁକିଛି  
ସୂକ୍ଷ୍ମ ଚିନ୍ତନର ଉଜ୍ଜ୍ୱଳ ଶିଖା ଭିତରେ  
ଲୀନ ହୋଇଯିବ ଚିରଦିନ ପାଇଁ ।  
ଶାନ୍ତିର ଆସ୍ତରଣ ଲେପି ହୋଇଯିବ  
ସହି ସହି ନିରବି ଯାଇଥିବା ଅଶାନ୍ତ  
ହୃଦୟରେ ।

ଇଚ୍ଛା ହୁଏ ମୁଦିବା ପାଇଁ  
ଦୁଇ ନୟନକୁ,  
ଯେଉଁଠି ଅନ୍ୟାୟର ବିଷାକ୍ତ ଆଭା  
ଧୀରେ ଧୀରେ ଲିଭିଯିବ, ଡୁବିଯିବ  
ନୟନର ଶୁଦ୍ଧତା ଭିତରେ  
ଲୋଭ, ମୋହ ଓ ମାୟାର ପ୍ରାନ୍ତର  
ହଜିଯିବ ଭିନ୍ନ ଏକ ଦୁନିଆରେ ।  
ମଧୁମୟ ବସନ୍ତର ଅନୁଭବ ପରେ  
ଆଉ ସବୁ ସ୍ପର୍ଶ, ସବୁ ଶିହରଣ ଲୁପ୍ତ  
ହୋଇଯିବ ଶାନ୍ତ ଓ କୋମଳ  
ମନରେ ।

+ ବାଲିଆପାଳ, ବାଲେଶ୍ୱର

# ନାରୀ ଫିଲ୍ମ ଲାଗି 'ମସଲା' ନୁହେଁ, ସେ ସ୍ୱାଭିମାନୀ ଓ ସମ୍ମାନୀ ମଣିଷ

ଫିଲ୍ମ 'ଲାଲପାନ ବିବିର ସ୍ମାର୍ଟ ଫ୍ୟାମିଲି' ଟିଭିରେ ଦେଖୁଥିଲି। ଏହାର କଥାବସ୍ତୁ ଅମିତାଭ ବଚନ-ହେମା ମାଳିନୀଙ୍କ ଅଭିନୀତ 'ବାଗୱାନ' ଓ ରାଜେଶ ଖାନ୍ନା-ଶାବନା ଆଜମିଙ୍କ 'ଅବତାର' ସହିତ ସମାନ ହୋଇଥିଲେ ମଧ ବେଶ ଉନ୍ନତ। ମହିଳାଙ୍କ ନିଷ୍ପତ୍ତିକୁ ଏହି ଫିଲ୍ମରେ ଯେତେ ଗୁରୁତ୍ୱ ଦିଆଯାଇଛି ସେଭଳି ଗୁରୁତ୍ୱ 'ଅବତାର' ଓ 'ବାଗୱାନ'ରେ ନାହିଁ।

ଫିଲ୍ମ 'ଲାଲପାନ ବିବିର ସ୍ମାର୍ଟ ଫ୍ୟାମିଲି' ଟିଭିରେ ଦେଖୁଥିଲି। ଏହାର କଥାବସ୍ତୁ ଅମିତାଭ ବଚନ-ହେମା ମାଳିନୀଙ୍କ ଅଭିନୀତ 'ବାଗୱାନ' ଓ ରାଜେଶ ଖାନ୍ନା-ଶାବନା ଆଜମିଙ୍କ 'ଅବତାର' ସହିତ ସମାନ ହୋଇଥିଲେ ମଧ ବେଶ ଉନ୍ନତ। ମହିଳାଙ୍କ ନିଷ୍ପତ୍ତିକୁ ଏହି ଫିଲ୍ମରେ ଯେତେ ଗୁରୁତ୍ୱ ଦିଆଯାଇଛି ସେଭଳି ଗୁରୁତ୍ୱ 'ଅବତାର' ଓ 'ବାଗୱାନ'ରେ ନାହିଁ।

କହିବାକୁ ଗଲେ ଫିଲ୍ମ ତ୍ରୟ 'ଅବତାର' (୧୯୮୩), 'ବାଗୱାନ' (୨୦୦୩) ଓ 'ଲାଲପାନ ବିବିର ସ୍ମାର୍ଟ ଫ୍ୟାମିଲି' (୨୦୧୯)ର କଥାବସ୍ତୁ ହେଲା ବାପା ମାଆ ବେଶ କଷ୍ଟ ସ୍ୱୀକାର କରି ନିଜର ପୁଅ ଓ ଝିଅଙ୍କୁ ଉଚ୍ଚ ଶିକ୍ଷା ଦେଉଛନ୍ତି। ପିଲା ବେଳେ ବେଶ କଷ୍ଟ କରି ସେମାନଙ୍କ ଯତ୍ନ ନେଉଛନ୍ତି। ବାର୍ଦ୍ଧକ୍ୟ ସମୟରେ ପିଲାମାନେ ନିଜର ସ୍ୱାର୍ଥ ଅଧିକ ଦେଖୁଛନ୍ତି। ବାପା ମା'ଙ୍କୁ ହତାଦର କରୁଛନ୍ତି। ଏଥିରେ ଯେଉଁ ଅଳ୍ପ ପାର୍ଥକ୍ୟ ରହିଛି ତାହା ହିଁ ଓଡ଼ିଆ ଫିଲ୍ମକୁ ଉଭୟ ହିନ୍ଦୀ ଫିଲ୍ମଠାରୁ ଭିନ୍ନ ଓ ଉନ୍ନତ କରିଦେଇଛି। ମୋତେ ଖୁସି ଲାଗିଲା ଯେ ଏହାର ପ୍ରଯୋଜକ ରିସ୍କ ନେଇ ଏଭଳି ଓଡ଼ିଆ ଫିଲ୍ମ ନିର୍ମାଣ କରିପାରିଛନ୍ତି।




ରାଜେଶ ଖାନ୍ନା 'ଅବତାର' ଫିଲ୍ମରେ ଜଣେ ମେକାନିକ ଓ ସେ ଅତି ଧନୀ ବାପାର ଝିଅ ଶାବନା ଆଜମିଙ୍କୁ ବିବାହ କରିଛନ୍ତି। ଏହା ୧୯୮୩ ମସିହାର ଫ୍ୟାମିଲି ଡ୍ରାମା। ଗରିବ ପୁଅ ଓ ଧନୀ ଝିଅର ପ୍ରେମ କାହାଣୀରେ ବାପା ଏକ ଖଳନାୟକ ହେବା ପୁରୁଣା କାହାଣୀ ଅନେକ ଫିଲ୍ମରେ ପରେ ଦେଖାଯାଇଛି। 'ଅବତାର'ରେ ରାଜେଶ ଖାନ୍ନାଙ୍କ ଶ୍ୱଶୁର ଖଳନାୟକ ହୋଇନାହାନ୍ତି। ଏଥିରେ ତାଙ୍କର ଦୁଇ ପୁଅ ଭଲ ଚାକିରି କରିଛନ୍ତି ଓ ଧନୀ ଝିଅଙ୍କୁ ବିବାହ ପରେ ବାପା ମା'ଙ୍କ ଠାରୁ ଅଲଗା ହୋଇଯାଇଛନ୍ତି। ବାପା ଏକ ଦୁର୍ଘଟଣାରେ ନିଜର ହାତ ହରାଇବା ସମୟରେ ପୁଅମାନେ ବାପା ମା'ଙ୍କୁ ପଚାରୁନାହାନ୍ତି। ପରେ ବାପା ନିଜର ମେକାନିକ ଜ୍ଞାନ ନେଇ ଅତ୍ୟଧିକ ଧନୀ ହୋଇଛନ୍ତି, କିନ୍ତୁ, ପୁଅମାନଙ୍କୁ ସେଥିରୁ କୌଣସି ଅଂଶ ଦେଉନାହାନ୍ତି। ଶାବନା ଆଜମିଙ୍କ ଫିଲ୍ମ ଇତିହାସ ଦେଖିଲେ ଏହା ତାଙ୍କ ଲାଗି ଏକ ଦୁର୍ବଳ ଫିଲ୍ମ।

ସେହି ସମାନ କଥା 'ବାଗୱାନ' ଫିଲ୍ମରେ ରହିଛି। ବାପା ମା' (ଅମିତାଭ ବଚନ ଓ ହେମା ମାଳିନୀ) ନିଜର ଚାରି ପୁଅଙ୍କୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ପୁଅମାନେ ଦେଶର ବିଭିନ୍ନ ସହରରେ ନିଯୁକ୍ତ ହେବା ପରେ ବାପା ମା'ଙ୍କୁ ନିଜର ବୋଝ ମନେକରୁଛନ୍ତି। ଛଅ ମାସିଆ ଭାଗ ବଣ୍ଟା ଭିତରେ ଉଭୟ ବାପା ଓ ମା' ପୁଅମାନଙ୍କ ପାଖରେ ଅସମ୍ମାନିତ ହୋଇ ପୁଣି ନିଜ ପୁରୁଣା ଘରେ ନୂଆ ଜୀବନ ଆରମ୍ଭ କରୁଛନ୍ତି। ହେମା ମାଳିନୀ ସ୍ତ୍ରୀ ଭାବରେ ସ୍ୱାମୀ ଅମିତାଭଙ୍କ ସହଯୋଗୀର ଭୂମିକା ନେଉଛନ୍ତି। କିଛି ପ୍ରତିବାଦ ନାହିଁ, କିଛି ପ୍ରତିକ୍ରିୟା ନାହିଁ। କେବଳ ସ୍ୱାମୀଙ୍କ ସହଯୋଗୀ ଭାବରେ ଚାଲିଛନ୍ତି। ବାପା ଅମିତାଭ ଜଣେ ଲେଖକ ଭାବରେ ସମଗ୍ର ଘଟଣାକୁ ଉପନ୍ୟାସ ଆକାରରେ ଲେଖି ପୁଅମାନଙ୍କ ବ୍ୟବହାରର ପ୍ରତିବାଦ କରିଛନ୍ତି।

'ଲାଲପାନ ବିବିର ସ୍ମାର୍ଟ ଫ୍ୟାମିଲି'ରେ କିନ୍ତୁ ଭିନ୍ନତା ରହିଛି। ଏଥିରେ ମହେଶ୍ୱତା ରାୟ ଓ ଅଜିତ ଦାଶଙ୍କ ଦୁଇ ପୁଅ ଝିଅ ପରିବାର। ସମସ୍ତେ ବାହାରେ ଭଲ ଚାକିରି କରୁଛନ୍ତି। କିନ୍ତୁ ଅଜିତ ଦାଶଙ୍କ ଅସୁସ୍ଥତା ଖବର ଏପରିକି ମୃତ୍ୟୁ ଖବର ପାଇ ମଧ କେହି ଆସୁନାହାନ୍ତି। ମହେଶ୍ୱତା ଯେତେବେଳେ ନିଜର ପୁନଃ ବିବାହର ବାର୍ତ୍ତା ଦେଉଛନ୍ତି ସେତେବେଳେ ସମସ୍ତ ପୁଅ ବୋହୁ ଝିଅ ଜୋଇଁ ସମସ୍ତେ ଏକା ସାଥିରେ ଆସିଯାଉଛନ୍ତି। କାହାଣୀ ସହିତ ମହେଶ୍ୱତା ରାୟଙ୍କ ଭୂମିକା ବଳିଷ୍ଠ ହୋଇଛି। ନାରୀର ସ୍ୱାଧୀନତା, ପ୍ରତିବାଦ ଓ ସମ୍ମାନ ଉଭୟ 'ଅବତାର' ଓ 'ବାଗୱାନ'ରେ ନାହିଁ ଯାହା 'ଲାଲପାନ ବିବିଙ୍କ ସ୍ମାର୍ଟ ଫ୍ୟାମିଲି'ରେ ରହିଛି।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଫଟୋ ସେୟାର କଲେ ସାମନ୍ଥା



ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନାୟିକା ସାମନ୍ଥା ରୁଥ୍ ପ୍ରଭୁ ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଭାଲେଣ୍ଟାଇନ୍ସ ଡେ' ଅବସରରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ କିଛି ଫଟୋ ସେୟାର କରିଥିଲେ। ଯେଉଁଥିରେ ତାଙ୍କୁ ଅନ୍ୟ ଜଣକ ସହ ଦେଖାଯାଇଥିଲା। ତାଙ୍କର ଏହି ଫଟୋଗୁଡ଼ିକ ଲାଲ୍ ଥିଲା। କିନ୍ତୁ ଏହି ଫଟୋଗୁଡ଼ିକ ମଧ୍ୟରେ ଗୋଟିଏ ଫଟୋରେ ସାମନ୍ଥା ଲାଲ୍ ରଙ୍ଗର ଡ୍ରିଙ୍କ ଧରିଥିବାବେଳେ ତାଙ୍କ ସମ୍ମୁଖରେ ମିଷ୍ଟ୍ରିମ୍ୟାନ୍ ଜଣକ ମଧ ହାତରେ ଡ୍ରିଙ୍କ୍ ଧରି ନଜର ଆସିଥିଲେ। ସାମନ୍ଥା ତାଙ୍କର ଏହି ପୋଷ୍ଟରେ ହାର୍ଟ ଚିତ୍ର ସହ ଫୁଲ ଓ ରେଷ୍ଟୋରାଁର ଫଟୋ ମଧ ସେୟାର କରିଛନ୍ତି। ତେବେ ଏହି ଫଟୋଦ୍ୱାରା ସେ ପ୍ରେମ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି। କିଛିଦିନ ପୂର୍ବରୁ ତାଙ୍କ ପୂର୍ବତନ ସ୍ୱାମୀ ନାଗା ଚୈତନ୍ୟ ମଧ ସାମନ୍ଥା ତାଙ୍କ ଜୀବନରେ ଆଗକୁ ବଢ଼ିଥିବା କଥା ସୂଚନା ଦେଇଥିଲେ। ଯଦିଓ ସାମନ୍ଥା ଏହି ପୋଷ୍ଟରେ ତାଙ୍କ ମିଷ୍ଟ୍ରି ମ୍ୟାନ୍‌ଙ୍କ ମୁହଁକୁ ଦେଖାଇ ନାହାନ୍ତି, କିନ୍ତୁ ସେ ପ୍ରେମରେ ପଡ଼ିଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। କିଛିଦିନ ପୂର୍ବରୁ ସେ 'ଦ ଫ୍ୟାମିଲି ମ୍ୟାନ୍-୨'ର ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କୁ ଡେଟ୍ କରୁଥିବା ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ଏହି ମିଷ୍ଟ୍ରିମ୍ୟାନ୍ ଜଣକ ରାଜ୍ ହୋଇପାରନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି।

# ବଲିଉଡ୍‌ରେ ଡେବ୍ୟୁ କରିବେ ଶ୍ରୀଲୀଳା



'ପୁଷ୍ପା ୨: ଦ ରୁଲ୍'ର 'କିସିକ୍' ଗୀତରେ ମନଛୁଆଁ ନୃତ୍ୟକରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀଲୀଳା। 'ପୁଷ୍ପା-୨' ରିଲିଜ୍ ପରେ କନ୍ନଡ଼ ତଥା ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରୀର ଏହି ଲୋକପ୍ରିୟ ନାୟିକା ଏବେ ହିନ୍ଦୀ ଭାଷୀ ଦର୍ଶକଙ୍କୁ ମଧ ଆକୃଷ୍ଟ କରିପାରିଛନ୍ତି। ଏବେ ସେ ବଲିଉଡ୍‌ରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। 'ଆଶିକୀ-୩' ପାଇଁ ତାଙ୍କୁ ସାଇନ୍ କରାଯାଇଥିବା କୁହାଯାଉଛି। ଯଦି ଏକଥା ସତ ହୁଏ, ତେବେ ସେ କାର୍ତ୍ତିକ୍ ଆର୍ୟନ୍‌ଙ୍କ ବିପକ୍ଷରେ ଦେଖାଯିବେ। ପ୍ରଥମେ ଏହି ଫିଲ୍ମରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ନଜର ଆସିବେ ବୋଲି କୁହାଯାଉଥିଲା। କିନ୍ତୁ 'ଆନିମଲ୍' ଫିଲ୍ମ ପରେ ତ୍ରିପ୍ତି ବୋଲ୍‌ଡ ଅନ୍ଦାଜ ପାଇଁ ଚର୍ଚ୍ଚାରେ ଥିବାରୁ ତାଙ୍କୁ ଏଥିରୁ ବାଦ୍ ଦିଆଗଲା ବୋଲି ଚର୍ଚ୍ଚା ହେବାକୁ ଲାଗିଲା। ଅବଶ୍ୟ ପରେ ତ୍ରିପ୍ତି ଫିଲ୍ମ ପାଇଁ ଡେଟ୍ ଦେଇ ନ ପାରିବାରୁ ସେ ବାଦ୍ ପଡ଼ିଲେ ବୋଲି ଏହାର ନିର୍ଦ୍ଦେଶକ ଅନୁରାଗ ବସୁ ସଫେଇ ଦେଇଥିଲେ। 'ଆଶିକୀ-୩' ପାଇଁ ଜଣେ ଚୁଲବୁଲି ନାୟିକା ଖୋଜାଯାଉଥିବା ବେଳେ ଶ୍ରୀଲୀଳାଙ୍କୁ ଏଥିପାଇଁ ଚୟନ କରାଯାଇଛି। ଫିଲ୍ମକୁ ନେଇ ସେ ମଧ ବେଶ୍ ଉତ୍ସାହିତ ଅଛନ୍ତି।

# ଡାକୁ ମହାରାଜ' ଫିଲ୍ମରୁ କଟିଲା ଉର୍ବଶୀ ରାଉତେଲାଙ୍କ ସିନ୍ ଜାଣନ୍ତୁ କ'ଣ ପାଇଁ...



ଡାକୁ ମହାରାଜ ଫିଲ୍ମର ପ୍ରମୋଶନ ଲାଗି ଉର୍ବଶୀ ରାଉତେଲା ବହୁ ପ୍ରକାରର ପ୍ରୟାସ କରିଥିଲେ।




ମାତ୍ର ସେହି ଫିଲ୍ମରୁ ତାଙ୍କର ସବୁ ସିନ୍ ଡିଲେଟ୍ କରିଦିଆଯାଇଛି । ଆଜ୍ଞା ହଁ, ୧୨ଜାନୁଆରୀରେ ଥିଏଟର୍ସରେ ରିଲିଜ ହେବା ପରେ ଏହି ଫିଲ୍ମ ୨୧ଫେବୃଆରୀରେ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ ହେବାକୁ ଯାଉଛି । ଯେତେବେଳେ ଓଟିଟି ଲାଗି ଏହି ଫିଲ୍ମର ପୋଷ୍ଟର ରିଲିଜ ହୋଇଥିଲା ସେତେବେଳେ ଉର୍ବଶୀଙ୍କ ଫଟୋ ନ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

କିନ୍ତୁ ଏବେ ରିପୋର୍ଟ ଅନୁସାରେ ନେଟଫ୍ଲିକ୍ସ ଏହି ପୂରା ଫିଲ୍ମରୁ ଉର୍ବଶୀ ରାଉତେଲାଙ୍କ ସମସ୍ତ ସିନକୁ ଡିଲେଟ୍ କରିଦେଇଛି । ଯେତେବେଳେ ଏହି ଫିଲ୍ମରେ ଉର୍ବଶୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ରୋଲ୍ ଥିଲା ଏବଂ ସେ ପୂରା ଜି ଜାନ୍ ଦେଇ ଏହାର ପ୍ରମୋଶନରେ ବି ଲାଗି ଯାଇଥିଲେ । ପରେ ତାଙ୍କ ସହ ଏଭଳି କାହିଁକି କରାଗଲା ଏହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ମଧ୍ୟପ୍ରଦେଶ ପରେ ଏବେ ଗୋଆରେ ଟିକସମୁକ୍ତ ହେଲା 'ଛାବା', ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କଲେ ଘୋଷଣା



ବିକି କୌଶଲଙ୍କ ଫିଲ୍ମ 'ଛାବା' ମଧ୍ୟପ୍ରଦେଶ ପରେ ଏବେ ଗୋଆରେ ଟିକସମୁକ୍ତ ହୋଇଛି। ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୫ ତମ ଜନ୍ମ ବାର୍ଷିକୀ ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ବୁଧବାର ସନ୍ଧ୍ୟାରେ ଏକ ପୋଷ୍ଟ ମାଧମରେ ଏହା ଘୋଷଣା କରିଛନ୍ତି। ଏହାପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ ତାଙ୍କ ରାଜ୍ୟରେ 'ଛାବା' କୁ ଟିକସ ମୁକ୍ତ କରିଛନ୍ତି। ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ କହିଛନ୍ତି, "ମୁଁ ଏହାକୁ ଘୋଷଣା କରି ଖୁସି ଅନୁଭବ କରୁଛି ଯେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନ ତଥା ବଳିଦାନ ଉପରେ ଆଧାରିତ ଏହି ଫିଲ୍ମ 'ଛାବା' ଗୋଆରେ ଟିକସମୁକ୍ତ ହେବ।" ସେ କହିଛନ୍ତି ଯେ ଏହି ଫିଲ୍ମ ସମ୍ଭାଜୀ ମହାରାଜଙ୍କ ବୀରତ୍ୱ ଏବଂ ସାହସକୁ ଦର୍ଶାଇଛି। ଯିଏକି ଭଗବାନ, ଦେଶ ଏବଂ ଧର୍ମ ପାଇଁ ମୋଗଲ ଏବଂ ପର୍ତ୍ତୁଗୀଜ ବିରୁଦ୍ଧରେ ଲଢିଥିଲେ। ଏହାପୂର୍ବରୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମଧ ଏହି ଫିଲ୍ମକୁ ଟ୍ୟାକ୍ସ କରିବା ଆବେଦନକୁ ସ୍ୱାଗତ କରିଥିଲେ।




ସେ ଫିଲ୍ମର ଐତିହାସିକ ଉପସ୍ଥାପନାକୁ ପ୍ରଶଂସା କରି କହିଥିଲେ 'ମୁଁ ଖୁସି ଯେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ଏକ ବହୁତ ଭଲ ଫିଲ୍ମ ନିର୍ମାଣ କରାଯାଇଛି। ଯଦିଓ ମୁଁ ଏପର୍ଯ୍ୟନ୍ତ ତାହା ଦେଖି ନାହିଁ, କିନ୍ତୁ ମୋତେ ଯେଉଁ ପ୍ରତିକ୍ରିୟା ମିଳିଛି, ସେଥିରୁ ଜଣାପଡୁଛି ଯେ ଏହି ଫିଲ୍ମରେ ଇତିହାସକୁ ଖରାପ କରାଯାଇ ନାହିଁ।

# ସଫଳ ଅଭିନେତା ଦୈତାରୀ ପଣ୍ଡା

ଓଡ଼ିଶାର ଯାତ୍ରା ଜଗତର ଝଡ଼ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ଦୁର୍ଦ୍ଦାନ୍ତ ଖଳ ନାୟକ ତଥା ସଫଳ ଅଭିନେତା ଦୈତାରୀ ପଣ୍ଡା ବର୍ତ୍ତମାନ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ନାଟକ ରେ ଅଭିନୟ କରି ଆଗେଇ ଚାଲିଛନ୍ତି। ବର୍ତ୍ତମାନ ଶ୍ରୀ ପଣ୍ଡା କୋଣାର୍କ ଗଣନାଟ୍ୟ ରେ ଅଭିନୟ କରୁଛନ୍ତି । ଦୈତାରୀ ପଣ୍ଡା ଙ୍କ ଅଭିନୀତ ସଫଳ ନାଟକ ମଧ୍ୟରେ ରହିଛି ବଡ଼ ଘର ବଡ଼ ଗୁମର କଥା,ସାଧୁ ସାବଧାନ, ଭଙ୍ଗା ଆଇନା, କୁନି ମିଶ୍ର କଟକ ଯାଇଛି, ଜିଅନ୍ତା ଶବ, ବାଘ କାନ୍ଦୁଚି, ଈଶ୍ୱରଙ୍କ ଶବ ମୁଁ ଦେଖିଛି, ବଇନା ଦେଇଛି ବାହା ହବାକୁ, ଅସୁର ମାନଙ୍କ ସହର, ଅଜଗର ଆସୁଛି, ନର ରାକ୍ଷସ,





ଉପସ୍ଥାପନା
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

ଚନ୍ଦନ ଟୋପାକୁ ନାଲି ଅଳତା, କଥା ରହିଲା ମୋ ମଗୁସୁରକୁ, ଏମିତି କାହାଣୀ କେବେ ଶୁଣିନି, ଦୁଃଖ ଦେଇଗଲା ଦରଦୀ ବନ୍ଧୁ । ବର୍ତ୍ତମାନ୍ ଶ୍ରୀ ପଣ୍ଡା କୋଣାର୍କ ଗଣନାଟ୍ୟ ରେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଅଭିନୟ କରୁଛନ୍ତି। ଆଗାମୀ ଦିନରେ ଶ୍ରୀ ପଣ୍ଡା ନୂଆ ନୂଆ ଓଡିଆ ଚଳଚିତ୍ର ରେ ଅଭିନୟ କରିବେ ବୋଲି ମତ ପ୍ରକାଶ କରିଛନ୍ତି। ଶ୍ରୀ ପଣ୍ଡା ତାଙ୍କର କଳାକାର ଜୀବନରେ ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ସହି ଭଲ କଳାକାର ଓ ଭଲ ମଣିଷ ଟିଏ ହୋଇ ପାରିଛନ୍ତି। ସଦା ସର୍ବଦା ଆଧ୍ୟାତ୍ମିକ ଚିନ୍ତାଧାରା ମଧ୍ୟରେ ରହିଥିବା ଏହି ପ୍ରିୟ ମଣିଷ ଦୈତାରୀ ପଣ୍ଡା ସମସ୍ତଙ୍କ ପାଇଁ ଏକ ଉଦାହରଣ ସାଜିଛନ୍ତି। ବାଲେଶ୍ୱର ଜିଲ୍ଲାର ଔପଦା ଠାରେ ସେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ବିଭିନ୍ନ ବ୍ଲକ୍ ରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଈଶ୍ୱର ଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏତିକି କାମନା।

## କିଟରେ ଶିକ୍ଷା ନାଁରେ ଟଙ୍କା ଲୁଟିବା ସହ ଛାତ୍ରଛାତ୍ରୀଙ୍କୁ ଅତ୍ୟାଚାର କରାଯାଉଛି : ଯୁବ କଂଗ୍ରେସ ସଭାପତି

ଭୁବନେଶ୍ୱର, ୨୦/୨ (ନି।ପ୍ର): କିଟରେ ଶିକ୍ଷା ନାଁରେ ଟଙ୍କା ଲୁଟିବା ସହ ଛାତ୍ରଛାତ୍ରୀଙ୍କୁ ଅତ୍ୟାଚାର କରାଯାଉଛି । ଗତ କିଛି ବର୍ଷରେ କିଟରେ ୧୦ ରୁ ୧୫ ଜଣ ଆତ୍ମହତ୍ୟା କଲେଣି । କିଟ୍ ଯୋଗୁଁ ଏବେ ବିଶ୍ୱରେ ନିନ୍ଦିତ ହେଲାଣି ଓଡିଶା । କିଟ୍ ମାଲିକ ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରିବାକୁ ଦାବି କରିଛି ଯୁବ କଂଗ୍ରେସ । ଦୁଇ ଦିନ ଭିତରେ ଅଚ୍ୟୁତଙ୍କୁ ଗିରଫ ନ କଲେ କିଟ୍ ବିଶ୍ୱ ବିଦ୍ୟାଳୟ ସହ କମିଶନରେଟ ପୋଲିସ ଅଫିସ ଘେରାଉ କରିବାକୁ ଯୁବ କଂଗ୍ରେସ ଚେତାବନୀ ଦେଇଛି ।

## ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

# ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ: ମନ୍ତ୍ରୀ ଶ୍ରୀ ବଳ ସାମନ୍ତ

ଭୁବନେଶ୍ୱର, ୨୦/୨ (ନି।ପ୍ର): ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜିଠାରୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାନ୍ୟବର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବା ସହ କହିଛନ୍ତି, "ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ । ଏହା ଆମ ଅସ୍ମିତାର ନିଦର୍ଶନ । ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ ।" ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ୍ ତାପସ୍ କୁମାର ନିଜ ପ୍ରତିକ୍ରିୟାରେ କହିଛନ୍ତି, "ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ସ୍ଥାନ । ଉତ୍କୃଷ୍ଟ ବୟନ କଳାକୁ ବଂଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ ।" ସୂଚନାଯୋଗ୍ୟ, ଗୋଟିଏ ସ୍ଥାନରେ ବୟନକଳାକୁ ପ୍ରଦର୍ଶିତ କରିବା ସହ ବୁଣାକାରମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଏହାର ପ୍ରାୟୋଜକ ଥିବା ବେଳେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା) ହେଉଛି ଏହାର ଆୟୋଜକ । ୧୯ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ମେଳା ୧ ଅପ୍ରେଲ୍ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରତ୍ୟେକ ଦିନ ଦିବା ୧୧.୩୦ ରୁ ୯.୩୦ ମିନିଟ୍ ମଧ୍ୟରେ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ । ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି । ଚଳିତଥର ମୋଟ୍ ୨୨୫ଟି ଷ୍ଟଲ୍ ଖୋଲାଯାଇଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଂଚଳର ଲୋକାଦୃତ ବୟନବସ୍ତ୍ର ଯଥା: ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେବ । ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ପାଲଟିବ କରୁଣା ରେସମ ବସ୍ତ୍ର । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଚିବରମ୍ ପାଟଶାଢ଼ୀ, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ୀ ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ଚଳିତ ମେଳାରେ ୧୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବୟନିକା ଆଶା ରଖିଛି । ଉଦଘାଟନୀ ସଂଧ୍ୟାରେ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ବୟନିକାର ସଭାପତି ଶ୍ରୀ ପ୍ରକାଶ ଚନ୍ଦ୍ର ମେହେରଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏହି ମେଳାରେ ବହୁ ସଂଖ୍ୟାରେ ଗ୍ରାହକମାନେ ଆସି ହସ୍ତତନ୍ତ ବସ୍ତ୍ର କ୍ରୟ କରିବା ସହ ବୁଣାକାରଙ୍କୁ ଉତ୍ସାହିତ କରିବା ପାଇଁ ବୟନିକା ପକ୍ଷରୁ ନିବେଦନ କରାଯାଇଛି ।

## କିଟର ମୃତଛାତ୍ରୀଙ୍କ ସୁଇସାଇଡ୍ ନୋଟ୍ ଜବତ

ଭୁବନେଶ୍ୱର, ୨୦/୨ (ନି।ପ୍ର): କିଟ ଛାତ୍ରୀ ମୃତ୍ୟୁ ଘଟଣା । ମୃତ ଛାତ୍ରୀଙ୍କ ସୁଇସାଇଡ ନୋଟ ଜବତ କରିଛି ପୋଲିସ । ନେପାଳୀ ଭାଷାରେ ଲେଖା ହୋଇଛି ସୁଇସାଇଡ ନୋଟ୍ । ପୁରୁଷ ବନ୍ଧୁ କେମିତି ନିର୍ଯାତନା ଦେଉଥିଲେ ସବୁ ଘଟଣା ସୁଇସାଇଡ ନୋଟରେ ଲେଖା ଅଛି । ଜବତ ସୁଇସାଇଡ ନୋଟ ହ୍ୟାଣ୍ଡ ରାଇଟିଂ ବ୍ୟୁରୋକୁ ପଠାଇଲା ପୋଲିସ । ସେପଟେ ମୃତ ଛାତ୍ରୀ ଓ ଗିରଫ ପୁରୁଷ ବନ୍ଧୁଙ୍କ ଜବତ ମୋବାଇଲ ଫୋନ ଓ ଲାପଟପକୁ ରାଜ୍ୟ ଫୋରେନସିକକୁ ପଠାଇଛି ପୋଲିସ ।

## ଘଂଟେଶ୍ୱର ଅଂଚଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଲେ ଆରକ୍ଷୀ ଅଧୀକ୍ଷକ

ଭଦ୍ରକ, ୨୦/୨ (ନି।ପ୍ର): - ଏହି ଜିଲାର ଘଂଟେଶ୍ୱର ଅଂଚଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ଅଂଟା ଭିଡିଛନ୍ତି ଭଦ୍ରକ ଆରକ୍ଷୀ ଅଧୀକ୍ଷକ। ଗତକାଲି ରାତିରେ ସାମାଜିକ କର୍ମୀ ଅଞ୍ଜନ ଦାସଙ୍କୁ ମରଣାତ୍ମକ ଆକ୍ରମଣ ପରେ ସଂପୃକ୍ତ ବ୍ୟକ୍ତି ଆସି ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ଭଦ୍ରକ ଏସପିଙ୍କୁ ମଧ୍ୟ ଏହି ବିଷୟରେ ଅବଗତ କରାଇଥିଲେ। ଭଦ୍ରକ ଏସପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ ଆସି ବାଂଶଡା ଥାନାରେ ପହଂଚିବା ପରେ ଖଦାଳପୋଖରୀ, ତୋଟାପଡା ,ଗୋପିନାଥ ପୁର ଏବଂ ବଜରା ପୁର ପଂଚାୟତର କିଛି ମୁରବୀ ମାନଙ୍କୁ ବାଂଶଡା ଥାନାକୁ ଡାକି ଏହି ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ଥିବା ବ୍ୟକ୍ତି ବିଶେଷ ତୁରନ୍ତ ଏଥିରୁ କ୍ଷାନ୍ତ ରହିବା ସହ ଅଂଚଳରେ ଶାନ୍ତି ପ୍ରତିଷ୍ଠା କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଏହି ସପ୍ତାହରେ ଭଦ୍ରକ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏହି ୪ଟି ପଂଚାୟତର ସରପଂଚ ଏବଂ ସମିତିସଭ୍ୟ ମାନେ ଭଦ୍ରକ ଯାଇ ଏସପିଙ୍କ ଅଫିସରେ ବସି ଏକ ଶାନ୍ତି କମିଟି ଗଠନ କରାଯିବ ବୋଲି ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ ପ୍ରସ୍ତାବ ଦେଇଥିଲେ। ଗତକାଲି ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ବିଶେଷ ଏହି ପ୍ରସ୍ତାବରେ ସହମତି ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ଭଦ୍ରକ ଏସ ପିଙ୍କ ସହ ଆଲୋଚନା କରି ସମୟ ଠିକ କରିବା ପରେ ଏହି ଶାନ୍ତି କମିଟି ଗଠନ କରାଯିବ ବୋଲି ଜଣାଯାଇଛି। ଗତକାଲି ବିଳମ୍ବିତ ରାତିରେ ବାଂଶଡା ଥାନ ପରିସରରେ ହୋଇଥିବା ଆଲୋଚନାରେ ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ମିତ୍ରଭାନୁ ଦାସ, ପୁରୁଷୋତମ ବାରିକ ,ପପୁ ବିଶ୍ୱାଳଙ୍କ ସମେତ ୪ପଂଚାୟତର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ୩ ଲକ୍ଷ ୨୮,୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ରାସନ

ଭୁବନେଶ୍ୱର, ୨୦/୨ (ନି।ପ୍ର): ୩ ଲକ୍ଷ ୨୮,୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ରାସନ । ରାଜ୍ୟ ସରକାରଙ୍କ ପକ୍ଷରୁ ଇକେୱାଇସି ପ୍ରକ୍ରିୟା ପରେ ୩ ଲକ୍ଷ ୨୮ ହଜାର ୯୩୨ ଜଣ ମୃତ ବ୍ୟକ୍ତିଙ୍କ ନାଁକୁ ବାଦ ଦିଆଯାଇଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ପାତ୍ର । ସର୍ବାଧିକ କେନ୍ଦୁଝରରେ ୩୫ ହଜାର ୫୫୦ ଜଣ ମୃତ ବ୍ୟକ୍ତି ରାସନ କାର୍ଡ ହାତେଇ ଥିବା ବେଳେ ଗଞ୍ଜାମରେ ୨୫ ହଜାର ୭୮୯,ମୟୂରଭଞ୍ଜରେ ୨୩ ହଜାର ୭୯୯, ରାୟଗଡ଼ାରେ ୨୨ ହଜାର ୪୧୧ ଜଣ ମୃତ ବ୍ୟକ୍ତିଙ୍କ ନାଁରେ ଉଠୁଥିଲା ଚାଉଳ ।

## ଭୁବନେଶ୍ୱର ଏମ୍ସରେ ସିବିଆଇ ରେଡ୍

ଭୁବନେଶ୍ୱର, ୨୦/୨ (ନି।ପ୍ର): ଭୁବନେଶ୍ୱର ଏମ୍ସରେ ସିବିଆଇ ରେଡ୍ କରିଛି । ରିକ୍ୟୁରମେଣ୍ଟ ସ୍କାମ ନେଇ ରେଡ କରିଛି ସିବିଆଇ । ସ୍କାମ କରିଥିବା ମାଷ୍ଟରମାଇଣ୍ଡ ସ୍ମୃତିରଞ୍ଜନ କରଙ୍କୁ ହେପାଜତକୁ ନେଇ ରେଡ କରିଛି ସିବିଆଇ ଟିମ । ୭୭୫ଟି ପୋଷ୍ଟରେ ଜାଲ କାଗଜପତ୍ର ଜରିଆରେ ସ୍କାମ ହୋଇଥିବା ପ୍ରମାଣ ପାଇଛି ସିବିଆଇ । ଏକାଡେମୀ ବ୍ଲକରେ ସିବିଆଇ ରେଡ଼ କରୁଛି । ରେଡ଼ ବେଳେ ବହୁ କାଗଜପତ୍ର ଜବତ ହୋଇଛି ।

## ତାଳପଦା ନୋଡାଲ ବିଦ୍ୟାଳୟ ସହକାରୀ ଶିକ୍ଷୟତ୍ରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୨୦/୨ (ନି।ପ୍ର): - ଭଦ୍ରକ ଜିଲା ଧାମନଗର ବ୍ଲକ ସନ୍ନିକଟ ତାଳପଦା ନୋଡାଲ ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ପଦ୍ମାଳୟା ଦାସ ଙ୍କ ଆଜି ଚାକିରି ର ଅବସରକାଳୀନ ହୋଇ ଥିବାରୁ ତାଙ୍କୁ ଉକ୍ତ ବିଦ୍ୟାଳୟ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିଲା ।ଏହି ଅବସର ରେ ବିଦ୍ୟାଳୟ ତରଫରୁ ଏକ ସଭା ଅନୁଷ୍ଠିତ ହୋଇ ଥିଲା ।ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ଜେନା ସଭାପତିତ୍ୱ କରୁଥିବା ବେଳେ ଷୋଳଗାଁ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଂଟିଆ ସଭା ସଂଚାଳନା କରିଥିଲେ ।ଏହି ଅବସର ରେ ସେବା ନିବୃତ୍ତ ବ୍ଲକ ଶିକ୍ଷା ଅଧିକାରି ଗଦାଧର ଜେନା, ପ୍ରାକ୍ତନ ଅନୁଶୀକ୍ଷାଧିକାରୀ ନିରଞ୍ଜନ କର, ଶିକ୍ଷାବିତ ରାମଚନ୍ଦ୍ର ସାହୁ, ପ୍ରାକ୍ତନ ଶିକ୍ଷାଧିକାରୀ ଚିତରଞ୍ଜନ ତ୍ରିପାଠୀ, ଶ୍ରୀଚରଣ ମଲ୍ଲିକ, ପୂର୍ବତନ ଅନୁଶୀକ୍ଷାଧିକାରୀ ଅନିଲ ବଳ, ପୂର୍ବତନ ଶିକ୍ଷକ ଭାସ୍କର ସାମଲ, ଚୈତନ୍ୟ ଶଙ୍ଖୁଆ, ଗଙ୍ଗାଧର ଦେହୁରୀ, ଶୋଭାରାଣୀ ପଣ୍ଡା, ଅନୁଶୀକ୍ଷାଧିକାରୀ ରସୁଲପୁର ଶ୍ରୀମତୀ ଶାନ୍ତିଲତା ରାଉତ, ପ୍ରାକ୍ତନ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ନାୟକ, ସାଧନ କେନ୍ଦ୍ର ସଂଯୋଜକ ମହମ୍ମଦ ମୁଜାଫର, ଶିକ୍ଷକ ନେତା ସନ୍ତୋଷ ସାହୁ, ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ଅବସର ନେଇଥିବା ଶିକ୍ଷୟତ୍ରୀ ଙ୍କ ସମ୍ପର୍କ ରେ ବକ୍ତ୍ୟ ପ୍ରଦାନ କରିଥିଲେ। ଏହି ଅବସର ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ।ପରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥି ଓ ବିଦାୟିଶିକ୍ଷୟତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା ।ଶେଷରେ ଶିକ୍ଷୟତ୍ରୀ ମନୋରମା ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# କରୋନା ମହାମାରୀ ସମୟରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ: ସୋଆ ଉପସଭାପତି

ଭୁବନେଶ୍ୱର, ୨୦/୨ (ନି।ପ୍ର): (ହି.ସ.)ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ । କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ । ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା 'ମିସ୍ ଏସ୍‌ଏନ୍‌ସି' ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ ଲିକାନ୍‌ଡୋମୁନିଉ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଉ ଜାମ୍ବିଆର ନାଗରିକ । ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି । ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ । ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭାନ୍ସ୍ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା ଶ୍ରୀମତି କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ । ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ । ତେବେ ବର୍ତମାନର ଛାତ୍ରଛାତ୍ରୀମାନେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ରୁ ବାହାରି ଇମୋସ୍‌ନାଲ୍ ଇନ୍‌ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଂଟ ଆଣ୍ଡ ଟ୍ରେନିଂ) ପ୍ରଫେସର ତପତୀ ଶାହା ବକ୍ତବ୍ୟ ରଖିଥିଲେ । ସମ୍ ନର୍ସିଂ କଲେଜର ଆସୋସିଏଟ୍ ପ୍ରଫେସର ଦେବଯାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଶପଥ ପାଠ କରାଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆସୋସିଏଟ୍ ପ୍ରଫେସର ମନୀଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫ ଜଣିଆ ଡକାୟତି ଗ୍ୟାଙ୍ଗ ଗିରଫ

ଭୁବନେଶ୍ୱର, ୨୦/୨ (ନି।ପ୍ର): ୫ ଜଣିଆ ଡକାୟତି ଗ୍ୟାଙ୍ଗକୁ ମାଡି ବସିଲା ମୈତ୍ରୀ ବିହାର ଥାନା ପୋଲିସ । ସେମାନଙ୍କ ନିକଟରୁ, ଦୁଇଟି ବନ୍ଧୁକ, ୫ଟି ମୋବାଇଲ, ଆଇରନ ରଡ଼, ଚିଲି ପାଉଡ଼ର, ଟଙ୍କା ଜବତ ହୋଇଛି । ହାତୀଆଶୁଣି ଅଂଚଳରେ ଡକାୟତି ଯୋଜନା କରୁଥିବା ବେଳେ ମାଡି ବସିଲା ପୋଲିସ । ଗିରଫ ସମସ୍ତ ଅଭିଯୁକ୍ତ ଭୁବନେଶ୍ୱର ଅଂଚଳର । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିସନରେଟ ପୋଲିସ ଏବଂ ବିଭିନ୍ନ ଜିଲ୍ଲା ପୋଲିସରେ ଏକାଧିକ ମାମଲା ରହିଛି ।

## ବିଧାନସଭାରେ ହଟ୍ଟଗୋଳ: ଗୃହକାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବି

ଭୁବନେଶ୍ୱର, ୨୦/୨ (ନି।ପ୍ର):.) ବିଧାନସଭାରେ ବୁଧବାର ବିରୋଧୀ ଦଳ ସଦସ୍ୟ ମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଏହି କାରଣରୁ ଗୃହକାର୍ଯ୍ୟକୁ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଛନ୍ତି। ବିରୋଧୀ ଦଳ କଂଗ୍ରେସ ଏବଂ ବିଜେଡ଼ି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ହଟ୍ଟଗୋଳ କରିଥିଲେ ।

## ୫ ବର୍ଷରେ ୩୬ ଜଣ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି

ଭୁବନେଶ୍ୱର, ୨୦/୨ (ନି।ପ୍ର): ସୁନା କିଣୁଥିଲେ ସାବଧାନ । ଗତ ୫ ବର୍ଷରେ ୩୬ ଜଣ ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ର । ୪ ଲକ୍ଷ ୯୭ ହଜାର ୫୦୦ ଟଙ୍କାର ଜରିମାନା ଆଦାୟ ହୋଇଛି । ସେହିପରି ୮ ଜଣ ବଡ଼ ବ୍ୟବସାୟୀ ନକଲି ହଲମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିବା ପରେ ୭ ଜଣଙ୍କ ଲାଇସେନ୍ସ ବାତିଲ ଓ ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ।

## ଗେଲପୁର ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ, ୨୦/୨ (ନି।ପ୍ର): - ପ୍ରାଥମିକ ଶିକ୍ଷା ପିଲାମାନଙ୍କ ଭବିଷ୍ୟତ ଜୀବନର ମୂଳଦୁଆ । ଏହି ବିଦ୍ୟାଳୟ ଗୁଡିକ ମଣିଷ ତିଆରି କାରଖାନା । ଏହି କାରଖାନାରେ କାରିଗର ହେଲେ ଶିକ୍ଷକମାନେ । ଶିକ୍ଷାଦାନ ଏକ ମହତ ଦାନ । ଏହାର ମହତ୍ୱକୁ ବୁଝି ଶିକ୍ଷକମାନେ ନିଷ୍ଠାର ସହ ପିଲାମାନଙ୍କ ଭବିଷ୍ୟକ ଗଢିବା ସହ ସେମାନଙ୍କୁ ଜଣେ ସୁନାଗରିକ ହେବାରେ ସହାୟକ ହେବା ଉଚିତ । ଶିକ୍ଷକମାନେ ସମାଜରେ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି । ଶିକ୍ଷକ ଭାବରେ ଯେଉଁମାନଙ୍କର ସ୍ୱାଭିମାନ, ମର୍ଯ୍ୟାଦାବୋଧ ଓ ଉନ୍ନତ ଜ୍ଞାନ ତଥା ଚରିତ୍ର ରହିଛି ସରକାର ସେମାନଙ୍କୁ ଆଦର୍ଶ ଶିକ୍ଷକ ନକହିଲେ ସୁଦ୍ଧା ସେମାନେ ସମାଜରେ ଆଦର୍ଶ ପାଲଟି ଯାଇଥାନ୍ତି । ସେହିମାନଙ୍କ ପାଇଁ ଶିକ୍ଷା ରୂପକ କାରଖାନାଟି ବାସ୍ତବରେ ଚାଲିଛି ବୋଲି ଆଜି ଭଦ୍ରକ ଗେଲପୁର ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଗୟାଧର ପଣ୍ଡା, ଅରୁଣ କୁମାର ସାହୁ, ବାପୁଜୀ ହାଇସ୍କୁଲ ର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଲେଙ୍କା, ସିଆରସିସି ଏସ୍‌କେ ସଲାଉଦ୍ଦିନ, ଆଲୁମୁନି କମିଟି ସଭାପତି ସ୍ନେହାଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ବାର୍ଷିକ ଉତ୍ସବକୁ ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ସ୍ନେହାଶିଷ କର, ଦୀପ୍ତି ସାମନ୍ତ, ବହ୍ନିବାଳା ମିଶ୍ର, ପୁଷ୍ପଲତା ମହାନ୍ତି, ମନିଷା ତ୍ରିପାଠୀ, ଅନୁସୟା ବେଜ, ପ୍ରତୀଚି ମହାନ୍ତି, ସ୍ନିଗ୍ଧାରାଣୀ ନାୟକ, ରାଜଶ୍ରୀ ମହାନ୍ତି, ଅବନ୍ତି ସାମଲ, ମୀରା ସୂତାର, ସରସ୍ୱତୀ ଖଣ୍ଡାଇ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ଗେଲପୁର ବାପୁଜୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ର ଆୟୋଜିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଟ୍ରାକ୍ଟର ସୋ ରୁମ ସେଫ୍ଟି ଲକର ଲୁଟ ଘଟଣା : କେନାଲରୁ ମିଳିଲା ଲକର

ଜୟପୁର, ୨୦/୨ (ନି।ପ୍ର): (ହି.ସ.) - ଜୟପୁର ସହରର ଏକ ଟ୍ରାକ୍ଟର ସୋ ରୁମରୁ ଗତ ୧୬ ତାରିଖ ମଧ୍ୟ ରାତ୍ରରେ ଚୋରି ହୋଇଥିବା ସେଫ୍ଟି ଲକର କୁ ଜୟପୁର ଦମକଳ ବିଭାଗ ଓ ପୁଲିସ କର୍ମଚାରୀ ମାନେ ସକାଳ ଠାରୁ କେନାଲରେ ଖୋଜା ଖୋଜି କରିବା ପରେ ସନ୍ଧ୍ୟାରେ ଲକର ପାଇବାରେ ସଫଳ ହୋଇଛନ୍ତି । ଗତକାଲି ଜୟପୁର ଟାଉନପୁଲିସ ଟ୍ରାକ୍ଟର ସୋରୁମ ଚୋରି ମାମଲାର ତଦନ୍ତ ଆରମ୍ଭ କରି ସହରର ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଥିଲା। ହାଟପଦା ଅଂଚଳର ୪ଜଣ ଯୁବକଙ୍କୁ ଗିରଫ କରି ଥାନାକୁ ଆଣି ପଚରା ଉଚୁରା କରିବା ପରେ ଘଟଣା ସମ୍ପର୍କରେ ଚୋରଦଳ ଟ୍ରାକ୍ଟର ସୋରୁମରୁ ଚୋରି କରିଥିବା ସ୍ୱିକାର କରିଥିଲେ। ସୋରୁମରୁ ଚୋରି ହୋଇଥିବା ସେଫ୍ଟି ଲକରକୁ କେନାଲରେ ପକାଇଦେଇଥିବା କହିଥିଲେ। ଆଜି ସକାଳୁ ଟାଉନ ପୁଲିସ ଚୋର ଦଳକୁ ଆଣି କେନାଲର କେଉଁ ସ୍ଥାନରେ ପକାଇଛନ୍ତି ବୋଲି ଜାଗା ଚିହ୍ନଟ କରିବା ପାଇଁ ଆଣିଥିଲେ। ଚୋର ଦଳ ଗାନ୍ଧୀଛକ ନିକଟସ୍ଥ କେନାଲ ବ୍ରିଜ ଉପରୁ ଫୋପାଡି ଦେଇଥିବା ପରେ ପୁଲିସ ଖୋଜାଖୋଜି ଆରମ୍ଭ କରିଥିଲା। ପୁଲିସ ଓ ଦମକଳ ବିଭାଗର ମିଳିତ ଉଦ୍ୟମରେ ସକାଳ ୧୦ଟା ରୁ ଖୋଜା ପ୍ରକିୟା ଆରମ୍ଭ କରାଯାଇଥିଲା। ପାଣିର ସ୍ରୋତ ଅଧିକ ଥିବାରୁ ଖୋଜିବାରେ ଅସୁବିଧା ହୋଇଥିଲା। ଏସଡିପିଓ ଅଙ୍କିତ ବର୍ମା କେନାଲ ଡିଭିଜନକୁ ଫୋନ କରି ପାଣି ବନ୍ଦ କରିବାକୁ କହିବା ପରେ କେନାଲରେ ପାଣି ସ୍ତର କମିଯାଇଥିଲା। ଗୋଟାଏ ପର୍ଯ୍ୟନ୍ତ ଦମକଳ ବହିନୀ ଖୋଜି ନ ପାଇବା ପରେ ପୁଣି ୪ଟାରୁ ଆରମ୍ଭ ହୋଇଥିଲା ସେଫ୍ଟିଲକର ଖୋଜା ଅଭିଯାନ। ଶେଷରେ ସାଢେ ୬ଟା ସମୟରେ ଲକର ପାଇବାରେ ସଫଳ ହୋଇଥିଲେ। ଲକର ପାଇବା ପରେ ତୁରନ୍ତ ଟ୍ରାକ୍ଟର ସୋରୁମ ମାଲିକ ଜି. ବସନ୍ତ ରାଓଙ୍କୁ ଖୋଲିବାକୁ କୁହାଯାଇଥିଲା। ସେ ଖୋଲି ଦେଖିଲା ବେଳକୁ ସେଥିରେ ୭ଟି ଘରର ପଟ୍ଟା ଓ ରେଜିଷ୍ଟ୍ରେସନ ପେପର ମଧ୍ୟରୁ କେବଳ ୩ଟି ରହିଛି ଏବଂ ସେଥିରେ ଥିବା ଟଙ୍କା ସବୁ ଚୋରି ହୋଇଯାଇଥିବା ପ୍ରକାଶ କରିଥିଲେ। ସେହି ସେଫ୍ଟିଲକର ମଧ୍ୟରେ ୨ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଯାଇଛି ବୋଲି କହିଥିଲେ। ସେଫ୍ଟି ଲକର ଉଦ୍ଧାର କରିବା ପରେ ସେଥିରେ ପାଣି ପଶିଯାଇ ୩ଟି ଦସ୍ତାବିଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ଶ୍ରୀ ରାଓ ପ୍ରକାଶ କରିଛନ୍ତି। ଏନେଇ ପୁଲିସ ଆସନ୍ତା କାଲି ପ୍ରେସ ବିବୃତିରେ ସମସ୍ତ ଘଟଣା ସମ୍ପର୍କରେ ପ୍ରକାଶ କରିବ ବୋଲି ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

**AFFIDAVIT**

An affidavit before the Executive Magistrate Balasore, I, Rajashree Rout, formerly called Rajeswari Rout, Daughter of Sudarsan Rout, permanent resident of At-Rasalpur, Po- Singla, Ps- Singla, Dist-Baleshwar, Odisha-756023 hereby solemnly affirm and state that I wholly renounce, relinquish and abandon the use of my former name of Rajeswari Rout and in place thereof assume the name of Rajashree Rout. I shall use and sign the name of Rajashree Rout hereafter in all records, deeds and writings and in all proceeding, dealing and transaction, private as well as public.

**Rajashree Rout**

## ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷା ଲାଗି ମାର୍ଚ୍ଚ ୨୭ତାରିଖ ଯାଏଁ ଜିଲ୍ଲାରେ ଯାତ୍ରା ଶୋ ବନ୍ଦ ରଖିବାକୁ ପ୍ରଶାସନିକ ନିର୍ଦ୍ଦେଶ

ଭଦ୍ରକ, ୨୦/୨ (ନି।ପ୍ର):) - ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଅପେରା ଶୋ ପ୍ରଦର୍ଶନ ଉପରେ ସାମୟିକ ରୋକ୍ ଲଗାଇଛନ୍ତି । ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୩.୧.୨୫ତାରିଖରେ ପତ୍ର ସଂଖ୍ୟା ନଂ-୩୮୫ରେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ନିର୍ଦ୍ଦେଶାନାମା ଅନୁଯାୟୀ, ଜିଲ୍ଲା ଜୁଡିସିଆଲ ବିଭାଗ ପକ୍ଷରୁ ଗତ ୧୮ରୁ ଆସନ୍ତା ମାର୍ଚ୍ଚ ୨୭ତାରିଖ ଯାଏଁ ଜିଲ୍ଲାର ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ କୌଣସି ଅପେରା ବା ଯାତ୍ରା ପ୍ରଦର୍ଶନ ପାଇଁ ଅନୁମତି ଦିଆଯାଉନି । ଏହାର ବ୍ୟତିକ୍ରମ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କଲେକ୍ଟର ଜୁଡିସିଆଲ କାର୍ତିକ ନାଥ ମଣ୍ଡଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରଶାସନର ଏଭଳି କଟକଣାକୁ ନେଇ ବିଭିନ୍ନ ପୂଜା କମିଟି ଚିନ୍ତାରେ ପଡିଛନ୍ତି । ଦଳ ଦଳ ହୋଇ ସେମାନେ ଜିଲ୍ଲାପାଳଙ୍କୁ ଭେଟି ଯାତ୍ରା ଶୋ ପାଇଁ ସେମାନେ ପୂର୍ବରୁ ଆଡାଭାନ୍ସ ଦେଇଥିବାର ଏଦିଗରେ କିଛିଟା କୋହଳ କରିବାକୁ ନିବେଦନ କରିଛନ୍ତି ।


## ୧୬,୧୮୪ ଅଯୋଗ୍ୟ ପରିବାର ହାତେଇ ଥିଲେ ରାସନ କାର୍ଡ

ଭୁବନେଶ୍ୱର, ୨୦/୨ (ନି।ପ୍ର):- ରାଜ୍ୟରେ ୧୬ ହଜାର ୧୮୪ ଅଯୋଗ୍ୟ ପରିବାର ରାସନ କାର୍ଡ ହାତେଇଥିଲେ । ବିଧାନସଭାରେ ଏକ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ପାତ୍ର ଲିଖିତ ଉତ୍ତର ରଖିଛନ୍ତି । ସେହି ପରିବାର ସଦସ୍ୟଙ୍କ ସଂଖ୍ୟା ୬୧ ହଜାର ୮୨୨ । ବିଭିନ୍ନ ମାନ ଦଣ୍ଡରେ ସେମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବାଦ ଦିଆଯାଇଛି ବୋଲି ଗୃହରେ ଲିଖିତ ଉତ୍ତର ରଖିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ।

## ଧାନମଣ୍ଡିର ଅବ୍ୟବସ୍ଥା ନେଇ ନବ ନିର୍ମାଣ କୃଷକ ସଂଗଠନର ଅନଶନକୁ ସମର୍ଥନ କଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ

ଭଦ୍ରକ, ୨୦/୨ (ନି।ପ୍ର):(ହି.ସ.) - ଭୁବନେଶ୍ୱର ଠାରେ ସାରା ରାଜ୍ୟରେ ଧାନ ମଣ୍ଡିରେ ହେଉଥିବା ଅବ୍ୟବସ୍ଥା କୁ ନେଇ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଅନସନରେ ବସିଥିବା ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଅନସନରେ ପହଂଚି ସମର୍ଥନ ଜଣାଇଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଭଦ୍ରକ ର ପୌରାଦ୍ଧକ୍ଷା ଗୁଲମକ୍କି ହବିବ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ନେତୃମଣ୍ଡଳୀ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସେଠାରେ ତାଙ୍କ ବକ୍ତବ୍ୟରେ କହିଥିଲେ ସାମାଜିକ ସମସ୍ୟା କୁ ନେଇ କରାଯାଇଥିବା ଅନସନ କେବେ ବ୍ୟର୍ଥ ଯାଏ ନାହିଁ। ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ଏବଂ କୃଷକ ଭାଇ ଓ ଭଉଣୀ ମାନଙ୍କୁ ଠିକ୍ ସମୟ ମଧ୍ୟରେ ଏବଂ ବିନା କଟନୀ ଛଟନୀ ରେ ଧାନ କ୍ରୟ ର ସୁବିଧା ପ୍ରଦାନ କରନ୍ତୁ। ଯାହାଦ୍ୱାରା କୃଷକ ଭାଇମାନେ ଆର୍ଥିକ କ୍ଷେତ୍ରରେ ଉପକୃତ ହୋଇପାରିବେ।

# ନୀଳଗିରି ଥାନାର ନୂତନ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଦାୟିତ୍ୱଗ୍ରହଣ



ନୀଳଗିରି -୨୦/୨(ନି.ପ୍ର) : ନୀଳଗିରି ଥାନାର ନୂତନ ଆଇଆଇସି ଭାବରେ ଶ୍ରୀଯୁକ୍ତ ଗୋବର୍ଦ୍ଧନ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବତନ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ବଲାଙ୍ଗୀର ଜିଲ୍ଲା ବଦଳିପରେ ବାଲେଶ୍ୱର ଜିଲ୍ଲା ହେଡକ୍ୱାଟରରେ ଅବସ୍ଥାପିତ ଥିବା ଶ୍ରୀଯୁକ୍ତ ନାୟକ ତାଙ୍କ ସ୍ଥାନରେ ନୂତନ ଆଇଆଇସି ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି ।ଆଜି ପୂର୍ବାହ୍ନରେ ନୀଳଗିରି ଥାନା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଥାନାର ଅନ୍ୟ ପୋଲିସ ଅଧିକାରୀ ଏବଂ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ନୀଳଗିରିକୁ ଅଗ୍ରାଧିକାର ଭିତ୍ତିରେ ଅପରାଧମୁକ୍ତ କରିବା ସହିତ କିପରି ସାଧାରଣ ଜନତା । ଉପଯୁକ୍ତ ପୋଲିସସେବା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ସୂଚନା ଦେଇଛନ୍ତି।

# ବାଣୀ କଲ୍ୟାଣଙ୍କ ଜନ୍ମ ଦିନରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ




ବାସୁଦେବପୁର,୨୦।୦୨(ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟିର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ଜନ୍ମ ଦିନରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲାର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା । ଅନ୍ୟ ମାନଙ୍କ ମଧ୍ୟରେ ଏହି ରକ୍ତଦାନ ଶିବିର ରେ ଯୋଗ ଦେଇଥିଲେ ମଣ୍ଡଳ ସଭାପତି ଆଶୁତୋଷ ସାମଲ, ଅମର ନାୟକ, ଜଗବନ୍ଧୁ ମଲ୍ଲିକ, ରତିକାନ୍ତ ଦଳେଇ ଲିଙ୍କୁନ୍, ବିଜୟ ମାଝି, ଅମର ଦାସ, ବରିଷ୍ଠ କର୍ମୀ ଉମାକାନ୍ତ ଖୁଣ୍ଟିଆ,ବିଦ୍ୟାଧର ବେହେରା, ମଧୁସୂଦନ ପାଢ଼ୀ, ଭଗବାନ ମହାନ୍ତି, ମଞ୍ଜୁଲତା ସାହୁ, ରମେଶ ଘଡ଼େଇ, ଅନାଦି ବେହେରା, ପରେଶ ସାହୁ, ରାଜା ନାୟକ, ମନୋଜ ରାଉତ, ଶରତ ଖିଲାର, କପିଳ ପଟ୍ଟନାୟକ, କିଶୋର ଜେନା, ବଂଶୀଧର ବିଶ୍ୱାଳ, ଚନ୍ଦନ ବେହେରା ଓ ବହୁ କର୍ମୀ ବନ୍ଧୁ। ଏହି ଶିବିରରେ ୧୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିଲା। ବହୁ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏହି ଅବସରରେ ଜରାଶ୍ରମ ରେ ଖାଦ୍ୟ ବଣ୍ଟନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଫଳ ବଣ୍ଟନ କରା ଯାଇଥିଲା। ଟାଉନ୍ ହଲ୍ ପାଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଅଟଳ ବିହାରୀ ହାଇସ୍କୁଲ ଛକ ଠାରେ ଥିବା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ସମସ୍ତେ ପୁଷ୍ପ ମଲ୍ୟ ଅର୍ପଣ କରିଥିଲେ। ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କୁ ଏହି ଅବସରରେ ସମସ୍ତେ ଫୁଲ ତୋଡା ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଯୁବ ନେତା ବାଣୀ କଲ୍ୟାଣ ମହାନ୍ତି ସମସ୍ତ ଙ୍କ ର ମଙ୍ଗଳ କାମନା କରିଥଲେ। ଶ୍ରୀ ମହାନ୍ତି କହିଲେ ରକ୍ତ ଦାନ ମହତ୍ ଦାନ ଓ ଦୁଃଖୀ ଗରିବ ଲୋକଙ୍କ ସେବା କରିବା ଓ ତାଙ୍କୁ ବଞ୍ଚାଇବା ଆମର ଧର୍ମ ହେଉ।

# କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପାଇଁ ସଚେତନତା ଶିବିର




ଉଦଳା ତା.୨୦/୦୨(ନି.ପ୍ର)- ସ୍ୱେଚ୍ଛାସେବି ସଂଗଠନ 'ଅନ୍ୱେଷଣ' ତରଫରୁ କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତସ୍ଥିତ ଅଙ୍ଗନୱାଡ଼ିକେନ୍ଦ୍ର ଠାରେ ଚଳିତ ଫେବୃଆରି ୧୬ ତାରିଖ ରବିବାର ଦିନ କିଶୋରି ବାଳିକାଙ୍କ ସ୍ୱାସ୍ଥ୍ୟ ଓ ସ୍ୱଛତା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶରତ ପଂଚାୟତର ୧୯ ଗୋଟି ଗ୍ରାମରୁ ଶତାଧିକ କିଶୋରି ବାଳିକା ଉକ୍ତ ଶିବିରରେ ଯୋଗ ଦେଇଥିଲେ । ଖୁଂଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଶ୍ୟାମସୁନ୍ଦର, କିଶୋରି ବାଳିକା ମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଶାରିରିକ ସମସ୍ୟା ଓ ଏହାର ନିରାକରଣ ପାଇଁ ସତର୍କତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ବିଶେଷ କରି ରକ୍ତହୀନତା, ଯୌନ ସଂକ୍ରମଣ ରୋଗ ଓ ଅଳ୍ପ ବୟସରେ ବିବାହ କିପ୍ରକାର ସମସ୍ୟା ସୃଷ୍ଟି କରିଥାଏ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ କିଶୋରି ବାଳିକା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କିଟ ବଂଟନ କରାଯାଇଥିଲା । ଶେଷରେ ଅନ୍ୱେଷଣର ସଂପାଦକ ଆଗାମି ଦିନରେ ଏହି କାର୍ଯ୍ୟକ୍ରମ ନୋଟ, ସରଡ଼ିହା, କଳମଗଡ଼ିଆ, ରାମଚନ୍ଦ୍ରପୁର, ରାଣି ପୋଖରୀ, ଦେବାନବାହାଳି, ଲାବଣ୍ୟ ଦେଇପୁର, ପଦ୍ମପୋଖରି ଓ ଶାଳଚୁଆ ପଂଚାୟତରେ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ମାନସ ଦେଓ ନୂତନ ବସ୍ତା ଏସଡିପିଓ ଭାବେ ଯୋଗଦାନ

ବସ୍ତା,୨୦।୨(ନିପ୍ର):ବସ୍ତା, ବାଲିଆପାଳ, ରୂପସା, ସିଂଲ। ଓ ବାହା ବଳପୁର ସାମୁଦ୍ରିକ ଥାନାକୁ ନେଇ ଗଠିତ ବସ୍ତା ପୁଲିସ ସବ ଡିଭିଜନରେ ନୂତନ ଡିଏସପି ମାନସ କୁମାର ଦେଓ ଯୋଗଦାନ କରିଛନ୍ତି ।ସେ ଏସଡିପିଓ ବ୍ରଜ ମୋହନ ପ୍ରଧାନଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ନୂତନ ଡିଏସପି ଶ୍ରୀ ଦେଓ ପୂର୍ବରୁ ବସ୍ତ। ଥାନା ଆଇଆଇସି ଥିବା ବେଳେ ଅଳ୍ପ କିଛି ଦିନ ପାଇଁ ବସ୍ତାରେ ଏସଡିପିଓ ଦାୟୀତ୍ୱ ରେ ମଧ ରହିଥିଲେ। ତାଙ୍କର ବହୁ ଅନୁଭବ ଓ ଅଭିଜ୍ଞତା ରହିଥିବାରୁ ଏହି ପୁଲିସ ସବ ଡିଭିଜନରେ ବିଭିନ୍ନ ଅପରାଧ ନିୟନ୍ତ୍ରଣ୍ ଓ ଆଇନ ଶୃଙ୍ଖଳା ପରିସ୍ଥିତି ରକ୍ଷା ଦିଗରେ ସହାୟକ ହେବ ବୋଲି କୁହାଯାଉଛି।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ମୁଖୁରା, ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର

ନାମଲେଖା ଆରମ୍ଭ

Udise code - 21080913971

COR No- VSKMRB/237/2022

ନାମଲେଖା ଆରମ୍ଭ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଉତ୍କଳ ଶିକ୍ଷାପରିଷଦ ଦ୍ୱାରା ପରିଚାଳିତ ଏବଂ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆମ୍ଭ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ମୁଖୁରା, ଗୋବିନ୍ଦପୁର, ରେମୁଣା, ଜି-ବାଲେଶ୍ୱରରେ K.G-1 ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଆରମ୍ଭ ହୋଇଛି । ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଏହି ବିଦ୍ୟାଳୟରେ କଳା, ସଂସ୍କୃତି, ବିଜ୍ଞାନ ଏବଂ ଆଧୁନିକ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ରହିଛି । ସରକାରୀ ନିୟମ ଅନୁସାରେ ସ୍ୱତନ୍ତ୍ର ବର୍ଗର ୨୫% (ଶତକଡା ପଚିଶି ଭାଗ) ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ଅଛି ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ମୁଖୁରା, ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର

ଯୋଗାଯୋଗ - ୯୩୩୭୬୨୮୮୬୧ / ୯୪୩୭୨୫୬୬୮୫
୮୨୮୦୧୯୩୩୫୩


# ଉପେନ୍ଦ୍ର ନାଥ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବିଦାୟସଭା



କପ୍ତିପଦା,୨୦/୨(ନିପ୍ର)-କପ୍ତିପଦା ବ୍ଲକ ପଦ୍ମପୋଖରୀ ଗ୍ରାମରେ ଥିବା ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ଜଣାଯାଇଛି । ବିଦ୍ୟାଳୟର ଗଣିତ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ରାଉଳଙ୍କ ସଭାପତିତ୍ୱରେ ସମସ୍ତ ଶିକ୍ଷକ ଯୋଗଦେଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ୩ବର୍ଷର ଅଭିତତ୍ତ୍ୱର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ଓ ବିଦାୟକାଳୀନ ସଂଗୀତ ଗାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ଆରମ୍ଭ



ବାରିପଦା,୨୦।୦୨(ନି.ପ୍ର): ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ତ୍ରୟୋବିଂଶତମ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପରମ୍ପରା ଅନୁଯାୟୀ ଆୟୋଜନ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ତା:୨୦.୨.୨୦୨୫ ପୂର୍ବାହ୍ନ ନିକଟ କୁଣ୍ଡଳବଣି ଗ୍ରାମତଟ କୁଚୁଲୀ ନଈରୁ ପଞ୍ଚଦେବଙ୍କ ଘଟୋତ୍ତଳନ ହୋଇ ଆସିବା ପରେ ବେଦଜ୍ଞ ପଣ୍ଡିତ ସର୍ବଶ୍ରୀ ଶଙ୍କରର୍ଷଣ ତ୍ରିପାଠୀ , ଲମ୍ବୋଦର ମିଶ୍ର, ବିଭୁତି ଭୂଷଣ ମିଶ୍ର, ସତ୍ୟ ନାରାୟଣ ଦାଶ, ଦିବ୍ୟ ସୁନ୍ଦର କର ଓ ମନୋଜ ରଞ୍ଜନ ଦାଶଙ୍କ ଦ୍ୱାରା ପୀଠରେ ପବିତ୍ର ଯଜ୍ଞାଗ୍ନି ସ୍ଥାପନ ଓ ଯଜ୍ଞାରମ୍ଭ ହୋଇଛି। ପରେପରେ ସ୍ଥାନୀୟ ନେଦାଭାଡି, ଦକ୍ଷିଣବାଦୀ ଏବଂ ପଡ଼ୋଶୀ ପଶ୍ଚିମ ବଙ୍ଗର ଜଗନ୍ନାଥପୁର ଓ ବାଙ୍କଡା ଆଦି ସଂକୀର୍ତ୍ତନ ଦଳଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ନାମ ସଂକୀର୍ତ୍ତନ ମଧ୍ୟ ଆରମ୍ଭ କରାଯାଇଛି। ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ନାମ ସଂକୀର୍ତ୍ତନ ଆଗାମୀତା:୨୨.୨.୨୦୨୫ ପର୍ଯ୍ୟନ୍ତ ଚାଲିବ ବୋଲି ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠ ସୂତ୍ରରୁ ଖବର ମିଳିଛି।

# ଶେରଗଡ଼ ବ୍ଲକରେ କ୍ଷୁଦ୍ର ଚାଷୀଙ୍କ ପାଇଁ ମିଲର ଯନ୍ତ୍ରଣା

ଗଂଜାମ,୨୦।୦୨(ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକରେ କ୍ଷୁଦ୍ର ଚାଷୀ ମାନଙ୍କ ପାଇଁ ମିଲର ଯନ୍ତ୍ରଣା ଉତ୍କଟ ହୋଇଥିବା ଜଣାପଡ଼ିଛି। ଏହି ବ୍ଲକ ପାଇଁ ଧାନ ମଣ୍ଡିକୁ ଧାନ ସଂଗ୍ରହ ପାଇଁ କଣଭାଗ ଗ୍ରାମର ବାବୁ ପାଣିଗ୍ରାହୀ (ମିଲର) ଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଚାଷୀଙ୍କ ଠାରୁ ବିଶେଷ କରି କ୍ଷୁଦ୍ର ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନକରି ଅଧିକ ଲାଭବାନ ହେବାକୁ ବଡବଡ଼ ବଡଚାଷୀଙ୍କଠାରୁ ଶହଶହ କୁଇଣ୍ଟାଲ ଧାନ ସଂଗ୍ରହ କରୁଛନ୍ତି। କ୍ଷୁଦ୍ର ଚାଷୀ ମାନେ ଧାନ ନେବାକୁ ଅନୁରୋଧ କଲେ ସେମାନଙ୍କର ଉତ୍ତମ ମାନର ଧାନକୁ ନିମ୍ନ ମାନର ଧାନ କହି ଧାନ ନେବାକୁ ମନା କରୁଛନ୍ତି। ଯେଉଁ ଚାଷୀ କଟନୀଛଟନୀ ପାଇ ପାଂଚରୁ ସାତ କେଜି ଧାନ ଦେଉଛନ୍ତି ଏଥି ସହିତ ଦୁଇଶହ ଟଙ୍କା ଯେଉଁ କ୍ଷୁଦ୍ର ଚାଷୀ ପାଉଣା ଦେଉଛନ୍ତି ତାଙ୍କର ଧାନ ନେଉଛନ୍ତି। ତହର ଗାଁର ହୀନ ନାହାକ ଦୀର୍ଘ ୧୫ଦିନହେଲା ୯ ବସ୍ତା ବାନ୍ଧି ଦ୍ୱାହାରେ ମଣ୍ଡିକୁ ଦେବାକୁ ରଖିଛି। ତେବେ ମିଲର ବିଭିନ୍ନ ଆଳ ଦେଖାଇ ପୂର୍ବ ସରକାରଙ୍କ ସମୟରେ ପରିପୃଷ୍ଟ ହୋଇଥିବା ଏହି ମିଲର ବିଜେପି ସରକାରଙ୍କୁ ବଦନାମ କରିବାକୁ ଚାଷୀମାନଙ୍କୁ ହଇରାଣ, ହଟହଟା କରିବା ପାଇ ଧାନ ନେଉନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ମୁଣ୍ଡିକୁ ଧାନ ଦେବାପାଇଁ ଚାଷୀଟି କେତେଦିନ ସ୍ୱ କାମଧନ୍ଦା ଛାଡି ଘରେ ବସି ରହି ଅପେକ୍ଷା କରିବ ?ଫଳରେ ଏହି ଧରଣର ଚାଷୀ ମାନେ କୀଟ ପତଙ୍ଗ ଗାଈ ଗୋରୁ ଓ ଚୋର ଉପଦ୍ରବରେ କ୍ଷତିଗ୍ରସ୍ତ ହେଉଛନ୍ତି। ତୁରନ୍ତ ଯୋଗାଣ ବିଭାଗ ମନ୍ତ୍ରୀ ଓ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘଟଣାର ତଦନ୍ତ କରି ସଂପୃକ୍ତ ମିଲରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୨୦ ରୁ ୨୩ ତାରିଖ ପର୍ଯ୍ୟନ୍ତ...

ଗଞ୍ଜାମ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ ସୋନପୁର ଆଦି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କୋହଲା ପାଗ ରହିବ । କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢ଼େଙ୍କାନାଳ, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ଏସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ସେହିପରି କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ବରଗଡ଼, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ପୁରୀ, ରାୟଗଡ଼ା, ଦେବଗଡ଼, ସମ୍ବଲପୁର, ସୋନପୁର ଏବଂ ନୟାଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏସବୁ ଜିଲ୍ଲାର କୋଟିଏରୁ ଦୁଇଟି ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ହୋଇପାରେ । ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ୨୧ ତାରିଖ ସକାଳ ଠାରୁ ୨୨ ତାରିଖ ସକାଳ ପର୍ଯ୍ୟନ୍ତ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କୋହଲା ପାଗ ରହିବ । ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୨୨ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ପର୍ଯ୍ୟନ୍ତ ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର ଏବଂ ମୟୂରଭଞ୍ଜ ଆଦି ଜିଲ୍ଲାର କେତେକ ସ୍ଥାନରେ, ଖୋର୍ଦ୍ଧା, ପୁରୀ, କେନ୍ଦୁଝରଗଡ଼, ଢ଼େଙ୍କାନାଳ ଜିଲ୍ଲାର କିଛି ସ୍ଥାନରେ ଏବଂ ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଆଦି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କୋହଲା ପାଗ ଅନୁଭୂତ ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝରଗଡ଼ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହି ସମୟରେ ସେସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ସେହିପରି ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଢ଼େଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼ ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ହୋଇପାରେ । ଏହି ସମୟରେ ସେସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ ।

### ନାଗପୁରରେ ବାଂଲାଦେଶ...

ଆବିଦ ରୁହି କହିଛନ୍ତି ଯେ, ଯାନ୍ତ୍ରିକ ତୃଟୀ ଯୋଗୁଁ ନାଗପୁରରେ ଏହି ବିମାନକୁ ଅବତରଣ କରାଯାଇଥିଲା । ବିମାନ ମରାମତି ପରେ ଗୁରୁବାର ଯାତ୍ରା କରିବ । ନାଗପୁର ବିମାନ ବନ୍ଦରର ଟର୍ମିନାଲ ଭବନ ନିକଟରେ ଛିଡା ହୋଇଥିବା ଏହି ବିମାନରେ ଚାଳକ ଦଳର ୧୨ ସଦସ୍ୟ ଏବଂ ୩୯୬ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯାତ୍ରୀ ଚମ୍ପିୟନ୍ସ ଟ୍ରଫି ମ୍ୟାଚ୍ ଦେଖିବା ନିମନ୍ତେ ଦୁବାଇ ଯାଉଥିଲେ । କିନ୍ତୁ ବିମାନରେ ଯାନ୍ତ୍ରିକ ତୃଟୀ ଦେଖାଦେବାରୁ ସେମାନଙ୍କୁ ନାଗପୁରରେ ଅଟକିବାକୁ ପଡିଥିଲା ।

# ନୀଳଗିରି ବ୍ଲକ କାର୍ଯ୍ୟଳୟରେ ସୋଲାର ବ୍ୟାଟେରୀରେ ଲାଗିଲା ନିଆଁ: ଭୟରେ ଅଫିସ ଛାଡିଲେ କର୍ମଚାରୀ



ନୀଳଗିରି - ୨୦/୨(ନି.ପ୍ର) : ନୀଳଗିରି ବ୍ଲକ କାର୍ଯ୍ୟଳୟ ପରିସରରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ହଠାତ୍ ଧୂଆଁମୟ ହୋଇଗଲା। କେହିକିଛି ବୁଝପାରିଲେ ନାହିଁ। ଭୟରେ ସମସ୍ତେ ଅଫିସ୍ ଛାଡ଼ି ବାହାରକୁ ପଳାଇଆସିଥିଲେ। ପରେ ସୋଲାର ବ୍ୟାଟେରୀ ସଟସର୍କିଟ ଯୋଗୁଁ ଏପରି ଅଘଟଣ ଘଟିଛି ବୋଲି ଜଣାପଡିବା ପରେ ବିଡ଼ିଓ ବିକ୍ରମକେଶରୀ ପରିଡ଼ା ସଙ୍ଗେସଙ୍ଗେ ନୀଳଗିରି ବିଦ୍ୟୁତ୍‌ବିଭାଗ ଓ ନୀଳଗିରି ଅଗ୍ନିଶମ ବାହିନୀଙ୍କୁ ଖବର ଦେବାପରେ ସଙ୍ଗେସଙ୍ଗେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବ୍ୟାଟେରୀର ଧୂଆଁକୁ ଫୋମ ମାରି ଆୟତ କରିଥିଲେ। ଏପଟେ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍ ବିଚ୍ଛିନ୍ନ କରିଥିଲେ। ତେବେ ଅଫିସ ସମୟରେ ଏଭଳି ଅଘଟଣ ଘଟିଲା ବୋଲି ନିଆଁକୁ ଆୟତ୍ତ କରାଯାଇପାରିଲା ।ଯଦି ରାତିରେ କିମ୍ବା ଛୁଟିଦିନରେ ଏଭଳି ଅଘଟଣ ଘଟିଥାନ୍ତା ତେବେ ବ୍ଲକ କାର୍ଯ୍ୟାଳୟର ବହୁ ଗୁରତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚାଚାଲିଛି। ଅଘଟଣ ଘଟିବାର କିଛି ଘଣ୍ଟାପରେ ଅଫିସ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ତେବେ ଉକ୍ତ କାର୍ଯ୍ୟାଳୟକୁ ଯୋଗାଇଥିବା ସୋଲାର ଏଜେନ୍ସି କିଏ, ବ୍ୟାଟେରୀ ରହିବା ସ୍ଥାନରେ ନିରାପତ୍ତା ବଳୟ କାହିଁକି ତିଆରି କରାଯାଇନାହିଁ ଏବଂ ଲଗାଯାଇଥିବା ସମସ୍ତ ବ୍ୟାଟେରୀ ଗୁଡ଼ିକ ପାଇଁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କାହିଁକି କରାଯାଇନାହିଁ ବୋଲି କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମଧରେ ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି।

# ମାହାଙ୍ଗା ବ୍ଲକ ଆଗରେ ଧସ୍ତାଧସ୍ତି, ଏସଡିପିଓ ଆହତ

ସାଲେପୁର: ମାହାଙ୍ଗା ବ୍ଲକ ଆଗରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ଫଳରେ ଘଟଣାସ୍ଥଳରେ ଏସଡିପିଓ ଆହତ ହୋଇଥିବା ସୂଚନା ମିଳିଛି। ଘଣାସ୍ଥଳରେ ମାହାଙ୍ଗା ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ପରିସ୍ଥିତି ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି। ବୁଧବାରଠାରୁ ବ୍ଲକ ଅଧକ୍ଷା ଓ ପଞ୍ଚାୟତ ପ୍ରତିନିଧି ମାହାଙ୍ଗା ବ୍ଲକ ଆଗରେ ଧାରଣା ଦେଇଥିଲେ। ବିଭିନ୍ନ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ସେମାନେ ଧାରଣା ଦେଇଥିଲେ। ବିଧାୟକଙ୍କ ସମର୍ଥକ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବିରୋଧ କରିବାରୁ ଠେଲାପେଲା ସ୍ଥିତି ଉପୁଜିଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏସଡିପିଓ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିବାକୁ ସେଠାରେ ପହଞ୍ଚିଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଚେୟାର ଫିଙ୍ଗାଫୋପଡ଼ା କଲାବେଳେ ଗୋଟିଏ ଚେୟାର ସେଠାରେ ଥିବା ଏସଡିପିଓଙ୍କୁ ବାଜିବାରୁ ସେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ମାହାଙ୍ଗା ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି ବୋଲି ମାହାଙ୍ଗା ପୁଲିସ ସୂଚନା ଦେଇଛି।

# ଗଣମାଧ୍ୟମର ସ୍ୱର ଚାପିବା ନିମନ୍ତେ ପ୍ରୟାସ ପାଇଁ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଓ ଠିକାଦାରଙ୍କ ଷଡଯନ୍ତ୍ର



ବେତନଟୀ ,୨୦।୦୨(ନି.ପ୍ର): ଦୁର୍ନୀତି ରୋକିବାକୁ ଯାଇ ଠିକାଦାର ଓ ଅଧିକାରୀଙ୍କ ଷଡଯନ୍ତ୍ରର ଶିକାର ହୋଇଛନ୍ତି ସାଧାରଣ ଗ୍ରାମବାସୀ। ଯେପରି ଭାବେ ସାଧାରଣ ଜନତା ସେମାନଙ୍କ ସମସ୍ୟାକୁ ସହଜରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଜଣାଇଥାନ୍ତି । ଗଣମାଧ୍ୟମ ପ୍ରତିନିଧିମାନେ ମଧ ଯତ କିଞ୍ଚିତ ସେମାନଙ୍କ ଠାରୁ ଅଭିଯୋଗ ଶୁଣି ସଠିକ ତଦନ୍ତ କରି ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରିଥାନ୍ତି। ଖବର ପ୍ରକାଶନ ପରେ ସରକାର ଓ ଉଚ୍ଚ କର୍ତ୍ତୃପକ୍ଷ ଓ ଉଚ୍ଚ ପ୍ରଶାସନ ଅଧିକାରୀ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାର ବେତନଟୀ ବ୍ଲକ ଅଞ୍ଚଳର ସନ୍ତରା ପଞ୍ଚାୟତ ଅଞ୍ଚଳରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏକ ରାସ୍ତା କାମର ଦୁର୍ନୀତିକୁ ଚପେଇବା ପାଇଁ ଯାଇ ଜୈନିକ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମଚାରୀ ଗ୍ରାମରେ ଥିବା ଅଭିଯୋଗକାରୀ ମାନଙ୍କୁ ଆଙ୍ଗୁଳି ଉଠାଇ ବିବାଦରେ ପକେଇବା ପାଇଁ ଉଦ୍ୟମ କରିଛନ୍ତି। ଏଭଳି କି ଦୁଇ ଗ୍ରାମ ମଧ୍ୟରେ ବିବାଦ ଲଗାଇ ସେମାନଙ୍କୁ ଥାନା ପର୍ଯ୍ୟନ୍ତ ଟାଣି ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱରକୁ ଚାପିବା ପାଇଁ ପ୍ରଚ୍ଛଦ ପଟରେ ଉଦ୍ୟମ କରିଛନ୍ତି। ଘଟଣା ରୁ ପ୍ରକାଶ ଏହି ବ୍ଲକ ଅଧୀନ ସନ୍ତରା ପଞ୍ଚାୟତ ସନ୍ତରା ଠାରୁ ଜାମପଦା ୫. ୫୦୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ବୈଶିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛ ଦିନ ହେବ ନିର୍ମାଣ କାର୍ଯ୍ୟ ସରିଛି। ରାସ୍ତା କାର୍ଯ୍ୟଟି ୪ କୋଟି ୨୪ ଲକ୍ଷ ୬୫ ହଜାର ଅଟକଳରେ ୩୦/୧୨/୨୦୨୩ ତାରିଖ ରେ ଆରମ୍ଭ ଏବଂ ୨୯/୦୯/୨୦୨୪ ତାରିଖରେ ଶେଷ ହେବାର ଫଳକରେ ଲେଖାଯାଇଛି। ଏହି କାମ ଅତ୍ୟନ୍ତ ନିମ୍ନମାନ ହେବା ସହ ମାଟି ଉପରେ ପିଚୁ ମିକ୍ସଚର ପକାଯାଇଅଛି। ଯାହା ଦ୍ୱାରା ରାସ୍ତା ଉପରୁ ପିଚୁ ଗୁଡିକ ପିଠା ଭଳି ଉଠିଯାଉଥିବା ଦେଖିବାକୁ ମିଳିଛି । ଦାୟିତ୍ୱରେ ଥିବା ପ୍ରଶାସନ ଅଧିକାରୀମାନେ ସଠିକ ତଦାରଖ ନକରି ଠିକାଦାରକୁ ସୁହାଇଲା ଭଳି କାମ କରୁଥିବାର ସନ୍ଦେହ କରି ହୋତାପୁର ଗ୍ରାମବାସୀମାନେ ବଡସାହି ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଜଣେ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ଜୈନିକ ପ୍ରତିନିଧିଙ୍କୁ ଏସମ୍ପର୍କରେ ସୂଚନା ଦେଇ ଘଟଣା ସ୍ଥଳରେ କିଭଳି ନିମ୍ନମାନର ହୋଇଛି ରାସ୍ତା ଅଳ୍ପ କିଛି ହାତରେ ତାଡି ଦେଖାଇଥିଲେ। ଏହି ଘଟଣା ସମୟରେ ଜୈନିକ ଠିକାଦାର ପ୍ରଚ୍ଛଦ ପଟରେ ରହି ଶତାଧିକ ପଡୋଶୀ ଗ୍ରାମବାସୀଙ୍କ ଦ୍ୱାରା ବିରୋଧ କରାଇ ଘଟଣାସ୍ଥାନରେ ଉତ୍ତେଜନା ସୃଷ୍ଟି କରାଇଥିଲେ। ଉତ୍ତେଜନା ଏତେ ଉଗ୍ର ରୂପ ନେଲା ଯେ ଘଟଣାସ୍ଥଳକୁ ପୋଲିସ ଯାଇ ଉଭୟ ପକ୍ଷକୁ ଥାନା ବୈଶିଙ୍ଗା ଥାନାକୁ ଡକାଇ ଥିଲେ। ଏହି ଘଟଣାର ଅଭିଯୋଗକାରୀ ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜଣାଇବା ଥିଲେ। ବେତନଟୀ ଓ ବୈଶିଙ୍ଗାର ପ୍ରତିନିଧିମାନେ ବୈଶିଙ୍ଗା ଓ ବେତନଟୀ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଓ ବୈଶିଙ୍ଗା ଥାନା ଅଧିକାରୀଙ୍କୁ ଗ୍ରାମବାସୀକୁ ଥାନାକୁ ଡକାଯାଇଥିବାର କାରଣ ସମ୍ପର୍କରେ ପଚାରିବାରୁ ଏହା ଏକ ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ଓ ଆପୋଷ ସମାଧାନ କରି ଛାଡିଦିଆଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟ ଅଧିକାରୀମାନେ ଏହା ଏକ ଗ୍ରାମ ଗ୍ରାମ ମଧ୍ୟରେ ବିବାଦ ହୋଇଥିବାର କହିଥିବା ବେଳେ ଥାନାରେ ବିଭାଗୀୟ ଜେ ଇ ଇ ଓ ଠିକାଦାର ମଧ ଉପସ୍ଥିତ ଥିଲେ। ଏହି ଏତଲା ରାସ୍ତା କାମରେ ଜୈନିକ ଠିକାଦାର ମଧ ଦେଇଥିଲେ ବୋଲି ଥାନା ଅଧିକାରୀ ସ୍ୱୀକାର କରିଥିଲେ । ଏହି ଘଟଣା ବାବଦରେ ଆଜି ଗଣମାଧ୍ୟମଙ୍କ ଦ୍ୱାରା ପ୍ରକାଶ ପାଉଥିବା ଏହି ଖବର କାଗଜରେ ବିସ୍ତୃତ ଭାବେ ପ୍ରକାଶିତ ହୋଇଥିଲା।

# ବୃଦ୍ଧଙ୍କୁ ଧକ୍କା ଦେଇ କଟା ହାତ ନେଇ ପିକ ଅପ୍ ଚମ୍ପଟ, ବୃଦ୍ଧ ଗୁରୁତର: ଚାଳକକୁ ବାନ୍ଧିଲେ ଲୋକେ

ଜଳେଶ୍ୱର, ୨୦/୨(ନିପ୍ର) ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ପଞ୍ଚାୟତ ନିକଟ ସୁବର୍ଣ୍ଣରେଖା ଗୁରୁଦାସପୁର ପୋଲ ମୁଣ୍ଡରେ ବୃଦ୍ଧ କୁ ଧକ୍କା ଦେଇ କଟା ହାତ ନେଇ ଚମ୍ପଟ ମାରିଲା ପିକ ଅପ୍। ସୂଚନା ଅନୁସାରେ, ଗୁରୁବାର ଅପରାହ୍ନରେ ଶ୍ରୀ ରାମ ପୁର ପଞ୍ଚାୟତ ଗୁରୁଦାସପୁର ଗାଁର ପୂର୍ଣ୍ଣଚନ୍ଦ୍ର ମହାନ୍ତି,(୭୦) ଲକ୍ଷ୍ମଣ ନାଥ ବଜାର ରୁ କାର୍ଯ୍ୟ ସାରି ଘର ଅଭିମୁଖେ ଯାଉଥିଲେ।ସିତିକି ବେଳେ ପଛପଟୁ ଓଡି ୦୧-ଏୱଇ-୨୩୦୪ ବିଶିଷ୍ଟ ଏକ ପିକ ଅପ୍ ଭ୍ୟାନ ଦ୍ରୁତଗତିରେ ଧକ୍କା ଦେଇ ବୃଦ୍ଧଙ୍କ ହାତକୁ ଛିଣ୍ଡାଇ ପଶ୍ଚିମବଂଗ କୁ ଚମ୍ପଟ ମାରୁଥିଲା। ଲୋକେ ପଛରେ ଗୋଡାଇ ଖୁଆର୍ଡି ପଞ୍ଚାୟତ ପୁରୁଣା ପାଣି ଠାରେ ଶ୍ରୀରାମ ପୁର ଗାଁର ସନିଆ ମଲ୍ଲିକ କୁ ଧରି ଉତ୍ତମ ମଧ୍ୟମ ଦେବାପରେ ବାନ୍ଧି ରାଇବଣିଆ ଥାନାକୁ ସୂଚନା ଦେଇଛନ୍ତି। ଏପଟେ ସଙ୍କଟାପନ୍ନ ଅବସ୍ଥାରେ ବୃଦ୍ଧଙ୍କୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲ ଓ ବାଲେଶ୍ୱର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଲୋମହର୍ଷଣ ଘଟଣାରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।




# ଚିକିତ୍ସା ଅବହେଳାରୁ ଯୁବକ ମୃତ: ହସ୍ପିଟାଲ ପରିସରରେ ଉତ୍ତେଜନା, ରାସ୍ତାରୋକ

ନୀଳଗିରି -୨୦/୨(ନିପ୍ର): ଚିକିତ୍ସା ଅବହେଳାରୁ ଚାଲିଗଲା ଯୁବକଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ହସ୍ପିଟାଲରେ।ସୂଚନା ଅନୁଯାୟୀ ରେମୁଣା ଭୀମପୁରା ଅଞ୍ଚଳର ନରେନ୍ଦ୍ର ବିଶ୍ୱାଳଙ୍କ ପୁଅ ନିହାରରଞ୍ଜନ ବିଶ୍ୱାଳ(୨୮) ଟିଭିଏସ ଫାଇନାନ୍ସ କମ୍ପାନୀରେ ଜଣେ କର୍ମଚାରୀ ଭାବରେ ନୀଳଗିରି ଅଞ୍ଚଳରେ ରହି କାମକରିବା ସହିତ ଏକ ଭଡ଼ାଘରେ ରହୁଥିଲେ। ବୁଧବାର ରାତ୍ରି ପ୍ରାୟ ୩ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେହି ରୁମରେ ରହୁଥିବା ତାଙ୍କର ଜଣେ ସାଙ୍ଗକୁ ହସ୍ପିଟାଲ୍ ନେବା ପାଇଁ କହିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ନୀଳଗିରି ଉପଖଣ୍ଡ ହସ୍ପିଟାଲ୍ ଅଣାଯାଇ ଚିକିତ୍ସା କରାଯିବା ସହିତ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଛାତିରେ ଅଧିକ ଯନ୍ତ୍ରଣା ହେଉଥିବାରୁ ପରିବାର ଲୋକ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ରେଫର କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଡାକ୍ତର ଆସିଲେ ରେଫର କରାଯିବ ବୋଲି ହସ୍ପିଟାଲ୍ କର୍ମଚାରୀ କହିଥିଲେ।ତେବେ ଆଜି ସକାଳ ପ୍ରାୟ ନଅଟା ସମୟରେ ଯୁବକ ଜଣକର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୁବକଙ୍କ ପରିବାର ଏବଂ ସାଙ୍ଗସାଥୀ ଚିକିତ୍ସା ଅବହେଳାରୁ ନିହାରରଞ୍ଜନଙ୍କ ମୃତ୍ୟୁ ହୋଇଥିବା ନେଇ ନୀଳଗିରି ମିତ୍ରପୁର ରାସ୍ତା ହସ୍ପିଟାଲ୍ ଛକଠାରେ ରାସ୍ତାରୋକ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶପାଇବା ସହିତ ଘଟଣାରେ ସଂପୃକ୍ତ କର୍ମଚାରୀ ଏବଂ ଡାକ୍ତରଙ୍କ ଅବହେଳା ପାଇଁ ଯୁବକଙ୍କ ଜୀବନ ଯାଇଥିବାରୁ ସେମାନଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡି ବସିଥିଲେ। ନୀଳଗିରି ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତିକୁ ଆୟତ୍ତକୁ ନେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ବେଳେ



ଏନେଇ ନୀଳଗିରି ଥାନାରେ ୨/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

# ମାତୃଭାଷାର ବିକଳ୍ପ ନାହିଁ : ନମିତା ରାଉତ



ଉଦଳା ତା.୨୦/୦୨(ନି.ପ୍ର)- ମାତୃଭାଷାର ବିକଳ୍ପ ଭାବରେ ଅନ୍ୟ କୌଣସି ଭାଷାକୁ ନିଆଯାଇପାରିବ ନାହିଁ ବୋଲି ଶିକ୍ଷୟିତ୍ରୀ ନମିତା ରାଉତ ଗଣମାଧ୍ୟମକୁ ଜଣାଇଛନ୍ତି । ନିଜର ହସ, ଖୁସି, ଦୁଃଖ, ଯନ୍ତ୍ରଣା ସବୁକିଛିକୁ ମାତୃଭାଷା ଜରିଆରେ ବାଂଟିବା ଯେତିକି ସହଜ ଓ ସରଳ ହୋଇଥାଏ, ତାହା ଅନ୍ୟ ଭାଷାରେ ସମ୍ଭବ ହୋଇନଥାଏ ବୋଲି କହିଛନ୍ତି। ଛୋଟ ପିଲାଟି ଜନ୍ମ ହେବାପରେ ଭାବର ଆଦାନପ୍ରଦାନ ପାଇଁ ପ୍ରଥମେ ତାର ମା' ଠାରୁ ଯେଉଁଭାଷା ଶିକ୍ଷା କରିଥାଏ ତାହାହିଁ ତାର ମାତୃଭାଷା ରୂପେ ପରିଗଣିତ ହୁଏ । କାଳକ୍ରମେ ପିଲାଟି ବଡ଼ହେବା ପରେ ବହୁପ୍ରକାର ଭାଷା ଶିକ୍ଷା କରିଥାଏ ସତ୍ୟ କିନ୍ତୁ ମାତୃଭାଷାର ସ୍ଥାନ ଅନ୍ୟଭାଷାମାନେ ନେଇପାରନ୍ତି ନାହିଁ। ଗୋଟିଏ ପିଲାର ପ୍ରାଥମିକ ଶିକ୍ଷା ତାର ମାତୃଭାଷାରେ ହେବା ଉଚିତ ବୋଲି ଶିକ୍ଷୟିତ୍ରୀ ନମିତା ମତ ଦେଇଛନ୍ତି । ଏବେ ଡ଼ାକ୍ତରି ପାଠ ମଧ୍ୟ ଓଡ଼ିଆରେ ପଢ଼ାଯିବ ବୋଲି ସରକାର ଘୋଷଣା କରିଛନ୍ତି । ଏହା ଆମ ପାଇଁ ଏକ ଖୁସି ଖବର । କାରଣ ଅତିତରେ ଡ଼ାକ୍ତରି ପାଠ ପଢ଼ିବା ପାଇଁ ଓଡ଼ିଆ ମାଧ୍ୟମ ପିଲାଙ୍କୁ ଇଂରାଜୀ ଶିଖିବା ବାଧ୍ୟତାମୂଳକ ଥିଲା । ସେହିପରି ଯନ୍ତ୍ରୀ (ଇଂଜିନିୟର) ଓ ଓକିଲ ହେବାପାଇଁ ମଧ୍ୟ ଓଡ଼ିଆ ବହି ଉପଲବ୍ଧ ହେଲାଣି । ବିଶ୍ୱମାତୃଭାଷା ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ନମିତା ଓଡ଼ିଆ ଭାଷା ଓ ଲିପିର ବ୍ୟବହାରକୁ ଅଧିକ ବ୍ୟାପକ କରିବା ପାଇଁ ସମସ୍ତ ଓଡ଼ିଆ ଭାଇ ଭଉଣୀ ମାନଙ୍କୁ ସଂକଳ୍ପ ନେବାକୁ ଅନୁରୋଧ ଜଣାଇଛନ୍ତି ।

# କସିପଦା ପଞ୍ଚାୟତ ହାଇସ୍କୁଲ ନବନିଯୁକ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ

ବାଲେଶ୍ୱର, ୨୦/୨(ନିପ୍ର) ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅନ୍ତର୍ଗତ କସିପଦା ପଞ୍ଚାୟତ ହାଇସ୍କୁଲ ଗତ ୨୦୨୩ ଜୁନ୍ ମାସ ଠାରୁ ଶିକ୍ଷକ ଶୂନ୍ୟ ହୋଇ ରହିଥିଲା । ଡେପୁଟେସନରେ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଥିଲା । ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ପୁରାତନ ଛାତ୍ର ସଂସଦ ଓ ଅଭିଭାବକଙ୍କ ପକ୍ଷରୁ ବାରମ୍ବାର ବିଧାୟକ ମାନସ କୁମାର ଦତ୍ତଙ୍କ ସମେତ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଗତ ୧୦ ତାରିଖରେ ଏକକାଳୀନ ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଓ ଗୁରୁବାର ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀ ନବନିଯୁକ୍ତ ହେବା ପରେ ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀଙ୍କ ମହଲରେ ଖୁସିର ବାତାବରଣ ଖେଳି ଯାଇଛି । ନବନିଯୁକ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥିପାଇଁ ପୂର୍ବତନ ପ୍ରଧାନଶିକ୍ଷକ, ପୁରାତନ ଛାତ୍ର ସଂସଦ, ଅଭିଭାବକ ଓ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ପକ୍ଷରୁ ରାଜ୍ୟ ସରକାର, ବାଲେଶ୍ୱର ବିଧାୟକ, ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।




# ବାବା ବାଣେଶ୍ୱର ଓ ଝାଡେଶ୍ୱର ଶିବ ମନ୍ଦିର ଉନ୍ନତି ପାଇଁ ଅନୁଦାନ ଦାବି କଲେ ସଦର ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୨୦/୨(ନିପ୍ର) ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କ ସହ ବିଭିନ୍ନ କ୍ଷେତ୍ରର ଉନ୍ନତି ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବିଧାୟକ ମାନସ କୁମାର ଦତ୍ତ। ଦିନକ ପୂର୍ବରୁ ସେ ଚାରୋଟି ମହାବିଦ୍ୟାଳୟର ଭିତ୍ତିଭୂମୀ ବିକାଶ ପାଇଁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ବାଲେଶ୍ୱର ସହରର ଦୁଇ ପ୍ରମୁଖ ଓ ପୁରାତନ ଶୈବ ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରିଛନ୍ତି। ସେ ଏହି ଅବସରରେ ପୁରୁଣା ବାଲେଶ୍ୱର ସ୍ଥିତ ବାବା ବାଣେଶ୍ୱର ମନ୍ଦିର ଓ ବାଲେଶ୍ୱରର ପ୍ରସିଦ୍ଧ ବାବା ଝାଡେଶ୍ୱର ମନ୍ଦିରର ସୁବ୍ୟବସ୍ଥିତ ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇ ମନ୍ଦିର ବାଲେଶ୍ୱର ବାସୀଙ୍କ ଆଧାତ୍ମିକ ଚେତନା ସହ ଓତପ୍ରୋତ ଭାବେ ଜଡ଼ିତ। ଏଣୁ ଦୁଇ ଶୈବ ପୀଠର ଆଭ୍ୟନ୍ତରୀଣ ସହିତ ପାରିପାର୍ଶ୍ୱିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଅନୁଦାନ ମଞ୍ଜୁର କରିବାକୁ ବିଧାୟକ ଶ୍ରୀ ଦତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ନିକଟରେ ଦାବି ଜଣାଇଛନ୍ତି। ପୁରାତନ ମନ୍ଦିରଗୁଡିକର ସଂରକ୍ଷଣ ତଥା ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଥିବା ବେଳେ ଖୁବ ଶୀଘ୍ର ବାଲେଶ୍ୱର ସହରର ଦୁଇ ଶୈବ ପୀଠ ପାଇଁ ଆବଶ୍ୟକୀୟ ଅନୁଦାନ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରତିଶୃତି ଦେଇଥିବା ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି।



# ପୁଲୱାମା ଶହୀଦଙ୍କ ପାଇଁ ମଶାଲ ଶୋଭାଯାତ୍ରା

ଭଦ୍ରକ, ୨୦/୨(ନିପ୍ର) ବାସୁଦେବପୁର ସୋର୍ଯ୍ୟ ବୀର ଏକାଡ଼େମୀ ପକ୍ଷରୁ ପୁଲୱାମା ଶହୀଦ ମାନଙ୍କ ସ୍ମୃତିରେ ଏକ ମଶାଲ ଶୋଭାଯାତ୍ରା ବାସୁଦେବପୁର ସହର ପରିକ୍ରମା କରିଥିଲା। ଏହି ଅବସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଥିଲା। ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଏହି ସୌର୍ଯ୍ୟ ବୀର ଏକାଡ଼େମୀ ର ପ୍ରତିଷ୍ଠାତା ମଳୟ ରଞ୍ଜନ ପଣ୍ଡା, କହ୍ନେଇ ଦାସ, ଅନୁଷ୍ଠାନ ର ଶିକ୍ଷକ ଆଦିତ୍ୟ ନାରାୟଣ ମିଶ୍ର ଓ ଏକାଡ଼େମୀ ର ଅନ୍ତେବାସୀ ମାନେ କ୍ୟା ଣ୍ଡେଲ ମାର୍ଚ୍ଚ କରି ସହର ପରିକ୍ରମା କରିଥିଲେ। ଯୁବ ପୀଢ଼ି ମାନଙ୍କ ମନରେ ସାହସ ସଞ୍ଚୟ କରିବା ସହିତ ଭାରତ ବର୍ଷର ସୁରକ୍ଷା ପାଇଁ ଦେଶ ପ୍ରେମୀ ମାନଙ୍କୁ ତିଆରି କରିବା ଓ ବୀର ଯବାନ ମାନଙ୍କୁ ନିର୍ମାଣ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ଏହି ସୌର୍ଯ୍ୟ ବୀର ଏକାଡ଼େମୀ ସର୍ବଦା ରାଷ୍ଟ୍ରୀୟ ଚିନ୍ତାଧାରା ମଧ୍ୟରେ ରହି ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ଆବିଷ୍କାର କରି ସମଗ୍ର ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ। ଜୟ ଯବାନ ଜୟ କିଷାନ, ଭାରତ ମାତା କି ଜୟ, ଆମର ବୀର ଶହୀଦ ଅମର ରହେ ସ୍ଲୋଗାନ ରେ ସହର ପ୍ରକମ୍ପିତ ହୋଇ ଥିଲା।




# ଶରତ ଥାନା ଦୁଗଧା ଅଞ୍ଚଳରୁ ଅବକାରୀ ବିଭାଗର ଚଢଉ, ୩୨ କ୍ୱିଣ୍ଟାଲ ପୋଚ ନଷ୍ଟ, ୧୨୦ଲିଟର ମଦ ଜବତ୍

କପ୍ତିପଦା, ୨୦/୨(ନିପ୍ର)- ଆଦିବାସୀ ଅଧ୍ୟୁଷିତ ଶରତ ଥାନା ଅଞ୍ଚଳର ଦୁଗଧା ଗ୍ରାମ ଜଙ୍ଗଲ ନିକଟରେ ଚାଲିଥିଲା ମଦ ମାଫିଆମାନଙ୍କର ଆଡ୍ଡାସ୍ଥଳୀ । ଉକ୍ତ ଆଡ୍ଡାସ୍ଥଳୀରେ ଦୀର୍ଘଦିନ ଧରି ଦେଶୀମଦ ବେପାର କର ଆସୁଥିଲେ। ସୁପରଟେଣ୍ଡେଣ୍ଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଉଦଳା ଅବକାରୀ ସବଇନିସପେକ୍ଟର ଶୁଭଦର୍ଶନୀ ସାହୁ, ଅବକାରୀ ଇନିସପେକ୍ଟର ଶ୍ରୀଧର ମହାନ୍ତିଙ୍କ ସହ ବେତନଟୀ ଥାନାର ଭାରପ୍ରାପ୍ତ ଅଧିକାରୀ, ଖୁଣ୍ଟାଓ ଉଦଳା ଥାନାର ଭାରପ୍ରାପ୍ତ ଅଧିକାରୀ ବନମାଳୀ ବାରିକ୍ ଓ ଏକ ପୁଲିସ ଫୋର୍ସ ଏବଂ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରବୀଣ କୁମାର ମାଝୀ ଉକ୍ତ ଚଢଉରେ ସାମିଲ ହୋଇଥିଲେ। ପୁଲିସ କର୍ମଚାରୀ ଓ ଅବକାରୀ କର୍ମଚାରୀମାନେ ୩୨କିଣ୍ଟାଲ ପୋଚ ନଷ୍ଟ କରିବା ସହ ଘଟଣାସ୍ଥଳରୁ ୧୨୦ଲିଟର ମହୁଲି ମଦ ଜବତ୍ କରିଛନ୍ତି । ଏ ସଂପର୍କରେ ଉଦଳା ଅବକାରୀ କାର୍ଯ୍ୟାଳୟରେ କେଶ ରୁଜ୍ଜୁ କରାଯିବା ସହିତ ଅଧିକ ତଦନ୍ତ ଜାରୀ ରହିଛି । ବିଶେଷ କରି ଜଙ୍ଗଲ ଭିତରେ ଡ୍ରମରେ ପୋଚ ରଖାଯାଇ ଏକ ନୀଳ ତମ୍ବୁକୁ ଘୋଡାଇ ରଖାଯାଇଥିବାର ଦେଖିବାକୁ ମିଳିଥିଲା ।



# ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ଓ ଶିଶୁମାନଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ଚାପ ନିୟନ୍ତ୍ରଣ ଉପରେ କର୍ମଶାଳା

ଭଦ୍ରକ, ୨୦/୨(ନିପ୍ର) ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଶିଶୁ ଯତ୍ନ ଅନୁଷ୍ଠାନ ର କର୍ମଚାରୀ ଓ ଶିଶୁ ମାନଙ୍କ ନିମନ୍ତେ ମାନସିକ ସ୍ୱାସ୍ଥ୍ୟ ଓ ଚାପ ନିୟନ୍ତ୍ରଣ ଉପରେ ଏକ ଦିବସୀୟ କର୍ମଶାଳା ଶିଶୁ ଯତ୍ନ ଅନୁଷ୍ଠାନ ଗାନ୍ଧୀ ଓଡିଶା ବାଳାଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇ ଅଛି । ଉକ୍ତ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ଯୋଗଦେଇ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ଓ ଚାପ ନିୟନ୍ତ୍ରଣ ଜୀବନ ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ବୋଲି କହିଥିଲେ, ଏଥିନିମନ୍ତେ ଯୋଗ ଓ ଧ୍ୟାନ ର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡାକ୍ତର ଦେବରାଜ ପାଣିଗ୍ରାହୀ ଯୋଗଦାନ କରି କହିଥିଲେ ମନୁଷ୍ୟ ଚାପ ମୁକ୍ତ ହେଲେ ଶରୀର ଉପରେ କୁ ପ୍ରଭାବ ପଡିନଥାଏ ଓ ଚାପରୁ ମୁକ୍ତି ହେଲେ ଜୀବନରେ ଉନ୍ନତି କରିଥାଏ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଜନ ଚିକିତ୍ସା। ଅଧିକାରିଣୀ ଡାକ୍ତର ଭାରତୀ ରାଉତ ଯୋଗ ଦେଇ ନିଜର ଦିନ ଚର୍ଯ୍ୟାକୁ ଠିକ ରୂପେ ନିର୍ବାହ କରି ଜୀବନର ପ୍ରତିକୂଳ ଅବସ୍ଥାରେ ମାନସିକ ସନ୍ତୁଳନ ରକ୍ଷା କରି କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇଥିଲେ । ଏଥି ସହିତ ବିଷୟ ବିଶାରଦ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କ୍ଲିନିକାଲ ସାଇକୋଲୋଜିଷ୍ଟ ଲୋନୀ ଲିୟନା ବେହେରା ଯୋଗଦେଇ ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ଓ ଚାପ ମୁକ୍ତ ହେବା ପାଇଁ ବିଭିନ୍ନ ଯୋଗ ଓ ଧ୍ୟାନ ଅବଲମ୍ବନ କରବାକୁ ପଡିଥାଏ । ସାମାଜିକ ସ୍ତରରେ ବିଭିନ ଲୋକଙ୍କ ସହିତ ଆବଶ୍ୟକ ମୁତାବକ ମିଶିବ। ନିଜର ପ୍ରତିକୂଳ ସମୟକୁ ଅନ୍ୟ ସହିତ ବାଣ୍ଟିବା ଆଦି ଚାପ ମୁକ୍ତ କରିଥାଏ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି କାର୍ଯ୍ୟ କ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ମାନସିକ ସ୍ୱାସ୍ଥ୍ୟ ଓ ଚାପ ନିୟନ୍ତ୍ରଣ କର୍ମଶାଳା ଶିଶୁ ମାନଙ୍କ ନିମନ୍ତେ ଏକ ଉପଯୁକ୍ତ କାର୍ଯ୍ୟକର୍ମ ଓ ଏହା ଦ୍ୱାରା ଶିଶୁ ବହୁତ ଉପକୃତ ହୋଇଥାଏ । ଉକ୍ତ କାର୍ଯ୍ୟ କ୍ରମ ରେ ଭଦ୍ରକ ଜିଲ୍ଲାର ନଅ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଗାନ୍ଧୀ ଓଡିଶା ବାଳାଶ୍ରମ, ଯୋଗିରୁଷି ଲାଚମନ ଦାସ ଶିଶୁ ଆଶ୍ରମ, ଉକ୍ଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ମହାପୁରୁଷ ଆଶ୍ରମ, ଶାନ୍ତି ଆଶ୍ରମ, ଆସିୟାନା, ଫେଲ୍ଲୋଶିପ, ବାତ୍ସଲ୍ୟ, ମାନବସେବା କନ୍ୟା ଆଶ୍ରମର ଅଧିକ୍ଷକ, କାଉନସ୍ଲେର, ପ୍ରୋବେଶନ ଅଧିକାରୀ, ଗୃହମାତା ଓ ଅନ୍ୟନ୍ୟ କର୍ମକର୍ତା ଓ ଶିଶୁ ଯତ୍ନ ଅନୁଷ୍ଠାନ ର ଶିଶୁ ମାନେ ଉପସ୍ତିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟିର ସ୍ୱାଗତିକା ବାରିକ, ସୁବ୍ରତ କୁମାର ଦାସ ମହେଶ ଚନ୍ଦ୍ର ଦାଶ ଓ ଚାଇଲ୍ଡ ଲାଇନ କର୍ମ କର୍ତ୍ତା ମଧ୍ୟ ଯୋଗଦାନ କରିଥିଲେ । ଶେଷରେ ଗାନ୍ଧୀ ଓଡିଶା ବଳାଶ୍ରାମ ର ସସ୍ମିତା ନାୟକ ଧନ୍ୟ ବାଦ ପ୍ରଦାନ କରିଥିଲେ।




# ପ୍ରସିଦ୍ଧ ଚୈତ୍ର ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାରିପଦା, ୨୦/୨(ନିପ୍ର): ମୟୁରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ -୨୦୨୫ ପାଳନ ନେଇ ପ୍ରଶାସନ ତରଫରୁ ଆଜି ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି. ଚଳିତ ବର୍ଷ ଆସନ୍ତା ଏପ୍ରିଲ ମାସ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୟୁରଭଞ୍ଜ ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ସ୍ଥାନୀୟ ଛଉ ପଡିଆଠାରେ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ପ୍ରତିବର୍ଷ ଭଳି ୩ଦିନ ଯଥା ରୀତିରେ ଛଉ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ ଓ ଏପ୍ରିଲ ୧୪ ତାରିଖରେ ବାହାର ରାଜ୍ୟ ମାନଙ୍କରୁ ବିଭିନ୍ନ ଛଉ ନୃତ୍ୟ ଦଳକୁ ଆମନ୍ତ୍ରଣ କରାଯାଇ ସେମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଓରମାସ ପକ୍ଷରୁ ଛଉ ପଡିଆ ସଂଲଗ୍ନ କଲେଜ ପଡିଆ ଠାରେ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଏପ୍ରିଲ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯିବ. ଉକ୍ତ ପଲ୍ଲିଶ୍ରୀ ମେଳାରେ ପାଖାପାଖି ୧୫୦ଟି ବିଭିନ୍ନ ଷ୍ଟଲ ଖୋଲାଯିବ ବୋଲି ଜଣାଯାଇଛି. ପ୍ରଥମ ଦିବସ ଏପ୍ରିଲ ୧୧ରେ ଗ୍ରାମାଞ୍ଚଳ ଛଉ ନୃତ୍ୟ ଅନୁଷ୍ଠିତ ହେବାକୁ ଥିବା ବେଳେ, ୧୨ଏବଂ ୧୩ ତାରିଖରେ ବାରିପଦାର ପ୍ରସିଦ୍ଧ ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନର କଳାକାର ମାନେ ଛଉନୃତ୍ୟ ପରିବେଷଣ କରିବେ । ଏହି ଅବସରରେ ଛଉ ନୃତ୍ୟ ଉତ୍ସବକୁ ଜାତୀୟ ସ୍ତରରେ ଅଧିକ ଲୋକାଭିମୁଖୀ କରିବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ ବୋଲି ଜିଲ୍ଲକ୍ଷପାଳ କହିଛନ୍ତି. ଏଥିସହ ସ୍ମରଣିକା ପ୍ରକାଶନ, କର୍ଣ୍ଣିଭାଲ ଆୟୋଜନ କରାଯିବା ନେଇ ପ୍ରସ୍ତାବ ରଖାଯାଇଛି । ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ର ସୁପରିଚାଳନା ନିମନ୍ତେ ଛଉ ପଡିଆ ଠାରେ ବେରିକେଡ଼ ନିର୍ମାଣ, ଛଉ ନୃତ୍ୟ ମଞ୍ଚ ସାଜସଜା, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ସେବା, ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ଫର୍ସ ମୃତୟନ ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି. ଅନୁଷ୍ଠିତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବରୁଣ ଗୁଣ୍ଟୁପଲି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଶାନ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସ ର କର୍ମକର୍ତ୍ତା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖ ଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



# ଯୁବ ବ୍ୟବସାୟୀଙ୍କ ବିୟୋଗରେ ଶୋକ ସଭା

ପାରାଦ୍ୱୀପ, ୨୦/୨(ନିପ୍ର) ଅମୀୟ ପତିଙ୍କ ସଭାପତିତ୍ୱରେ ପାରାଦ୍ୱୀପ ଗଡ଼ ଗେଟ ବଜାରସ୍ଥିତ ଇକ୍ୟୁପମେଣ୍ଟ ଓନର୍ସ ଆଶୋସିଏସନ ପକ୍ଷରୁ ପାରାଦ୍ୱୀପର ଜଣାଶୁଣା ଯୁବ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ଅମୂଲ୍ୟ ସାମଲଙ୍କର ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଗତ ୧୦ ତାରିଖ ସୋମବାର ଦିନ ୫୩ ବର୍ଷ ବୟସରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା । ସଂଘର ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା କର୍ମେଶ୍ୱର ସ୍ୱାଇଁ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ତାଙ୍କର ବହୁମୁଖୀ କାର୍ଯ୍ୟ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଶତ୍ରୁଘ୍ନ ସାହୁ, ଉପସଭାପତି ଚିତ୍ତରଞ୍ଜନ ନାୟକ, କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ସାହୁ,ସହ ସମ୍ପାଦକ ଘନଶ୍ୟାମ ବେହେରା, ସ୍ୱର୍ଗତ ସାମଲଙ୍କର ସ୍ମୃତି ଚାରଣ କରିଥିବା ବେଳେ କୋଷାଧକ୍ଷ ରଞ୍ଜନ ସେଠି ଶ୍ରଦ୍ଧା ସୁମନ ଅର୍ପଣକରି ସଭା ସାଙ୍ଗ କରିଥିଲେ ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida